## ସଂକ୍ଷେପରେ

### ନିଲମ୍ବନ ଆଦେଶ ପ୍ରତ୍ୟାହୃତ

**ବସ୍ତା, ୧୩।୪(ସ୍ୱ.ପ୍ର.):** ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ବେଗୁନିଆ ଗ୍ରାମର ଗଜେନ୍ଦ୍ର ନାରାୟଣ ଜେନା ଉପରୁ ବିଜେଡି ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିନେଇଥିବା ନେଇ ବ୍ଲକ ବିଜେଡି ସଭାପତି ତ୍ରିଲୋଚନ ବେହେରା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ପୂର୍ବଭଳି ସେ ବିଜେଡି ଦଳର କର୍ମକର୍ତ୍ତା ଭାବେ କାର୍ଯ୍ୟ କରିବେ ବୋଲି କୁହାଯାଇଛି ।

### ଭାଜପାର ମିଶ୍ରଣ ପର୍ବ

**ବସ୍ତା, ୧୩।୪(ସ୍ୱ.ପ୍ର.):** ବସ୍ତା ବ୍ଲକର ତାଡଦା ପଞ୍ଚାୟତରେ ଶନିବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଜଳେଶ୍ୱର ନିର୍ବାଚନମଣ୍ଡଳୀରେ ଭାଜପାର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନହିତକର କାର୍ଯ୍ୟ ଓ ଲୋକପ୍ରିୟତାରେ ଆକୃଷ୍ଟ ହୋଇ ଜଳେଶ୍ୱର ନିର୍ବାଚନମଣ୍ଡଳୀର ତାଡଦା ପଞ୍ଚାୟତର ପୂର୍ବତନ ବିଜେଡି ସରପଞ୍ଚ ଭଗବାନ ବିଶ୍ୱାଳଙ୍କ ସମେତ ବହୁ ବିଜେଡି କର୍ମୀ ଭାଜପାରେ ଯୋଗଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଶାନ୍ତନୁ ପଟ୍ଟନାୟକ, ମଣ୍ଡଳ ସଭାପତି ପ୍ରତାପ ଚନ୍ଦ୍ର ମହାନ୍ତି, ଉପସଭାପତି ପୁରଷୋତ୍ତମ ପାଳ, ପଞ୍ଚାୟତ ପ୍ରମୁଖ ନିଲୁ ସେନାପତି, ସମ୍ପାଦକ ନାରାୟଣ ଦତ୍ତ, ଜ୍ୟୋତିଷ ଶାସ୍ତ୍ର ବିଶାରଦ ଅନିରୁଦ୍ଧ ଆଚାର୍ଯ୍ୟଙ୍କ ସମେତ ଗୋପକାହ୍ନୁ ଦଣ୍ଡପାଟ ଓ ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀଅରବିନ୍ଦ ସାଧନାକେନ୍ଦ୍ର ପାଠଚକ୍ରର ବାର୍ଷିକ ଉତ୍ସବ

**ସୋର, ୧୩।୪(ଡି.ଏନ.ଏ.):** ସୋର ବ୍ଲକ ରଘୁନାଥପୁର ଗଞ୍ଜ ଗ୍ରାମରେ ଶ୍ରୀଅରବିନ୍ଦ ସାଧନାକେନ୍ଦ୍ର ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଙ୍ଗଠକ ଅନାଦି ଚରଣ ସ୍ୱାଇଁ ଯୋଗ ଦେଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ଧ୍ୟାନ, ମାତୃମନ୍ତ୍ର, ସ୍ତୋତ୍ର ପାଠ କରାଯାଇଥିଲା। ସମ୍ପାଦକ ରାମଚନ୍ଦ୍ର ପୃଷ୍ଟି ପୁସ୍ତକ ଅଧ୍ୟୟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦାମୋଦର ସାହୁ ମାତୃବନ୍ଦନା ଗାନ କରିଥିଲେ। ସାଧନା କେନ୍ଦ୍ରର ଉର୍ମିଳା ଅପା ବାର୍ଷିକ ଉତ୍ସବ ଅବସରରେ ସୂଚନା ପ୍ରଦାନ କରିଥିଲେ। ଦୟାନିଧି ପାତ୍ର ଏହାକୁ ପରିଚାଳନା କରିଥିଲେ। ଶେଷରେ ଜଗବନ୍ଧୁ ବାରିକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥ ପାତ୍ର, ଧରଣୀଧର ପଲେଇ, ବିଶ୍ୱନାଥ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ଆଖପାଖ ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ।

### ଦେଶୀ ବିଦେଶୀ ମଦ ଜବତ: ୨ ଗିରଫ

**ରୂପ୍‌ସା/ବସ୍ତା, ୧୩।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଅବକାରୀ ଉପ-ନୀରିକ୍ଷକ ଆମ୍ପା ମାରାଣ୍ଡି ସଦଳବଳେ ଚଢ଼ାଉ କରି ୨ଜଣ ମଦ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଦଣ୍ଡିକା ଗ୍ରାମର ଉମାକାନ୍ତ ନାୟକ ଏବଂ ଭେଲୋରା ଗ୍ରାମର ପପୁ ହାଁସଦା। ସେମାନଙ୍କଠାରୁ ବିପୁଳ ପରିମାଣରେ ଦେଶୀ ବିଦେଶୀ ମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ୨ଟି ପୃଥକ୍ ମାମଲା ରୁଜୁ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି। ଦୀର୍ଘଦିନ ଧରି ସେମାନେ ଚୋରାରେ ମଦ ବ୍ୟବସାୟ ଚଳାଇ ଆସୁଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ ହୋଇଥିଲା।

# ପାଟ ଉତ୍ସବରେ ୭ଲକ୍ଷ ଶ୍ରଦ୍ଧାଳୁ

**ଭୋଗରାଇ, ୧୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଚନ୍ଦନେଶ୍ୱର ମହାଦେବଙ୍କ ବିଶ୍ୱପ୍ରସିଦ୍ଧ ଚୈତ୍ର ଚଡ଼କମେଳା ଅନ୍ତିମ ଦିବସ ପାଟ ଉତ୍ସବରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାଳବୈଶାଖୀ ଝଡ଼ ସତ୍ତ୍ୱେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ଶନିବାର ପ୍ରତ୍ୟୁଷରୁ ଚନ୍ଦନେଶ୍ୱରଜୀଉଙ୍କ ପ୍ରସିଦ୍ଧ ପାଟ ଉତ୍ସବ ସନ୍ଦର୍ଶନ ଲାଗି ଅଗଣିତ ଯାତ୍ରୀଙ୍କ ସୁଅ ଛୁଟିଥିଲା। ଏହି ଶୈବପୀଠ ଭକ୍ତଙ୍କ ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ଦିନତମାମ ମନ୍ଦିର ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା, ଜଳାଭିଷେକ ପାଇଁ ପ୍ରବଳ ଭିଡ଼ ଲାଗିଥିଲା। ମନ୍ଦିର ପରିସରରେ ଶୈବଭକ୍ତଙ୍କ ଠେଲାପେଲାରେ ସେବାୟତ, ପଣ୍ଡା, ପୋଲିସ ଓ ସ୍ୱେଚ୍ଛାସେବୀମାନେ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ଶନିବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବାଡ଼ସରିଷା ଗ୍ରାମର ହାକାଣ୍ଡ ପୋଖରୀ ହୁଡ଼ାରେ ଭକ୍ତମାନେ ସମବେତ ହୋଇଥିଲେ। ଚନ୍ଦନେଶ୍ୱରଜୀଉଙ୍କ ଶ୍ରେଷ୍ଠ ଭକ୍ତ ପାଟ ଭକ୍ତ, ଦେଉଳିଆ, ଶ୍ରୀ ବେକଡ଼ି, ସେବାୟତମାନେ ସେଠାରେ ପୂଜାର୍ଚ୍ଚନା କରି ଭକ୍ତମାନଙ୍କୁ ଜୀଉଙ୍କ ଆଶୀର୍ବାଦ ମିଳୁ ବୋଲି କାମନା କରିଥିଲେ। ସେଠାରେ ଭକ୍ତମାନେ ଫୁଲ, ମାଳ ଓ ଚନ୍ଦନରେ ଭୂଷିତ ହୋଇ ପରସ୍ପର ମଧ୍ୟରେ କୋଳାକୋଳି ହୋଇଥିଲେ। ଜୀଉଙ୍କ ଶ୍ରେଷ୍ଠ ୧୩ ଭକ୍ତ, ସେବାୟତ, ପଣ୍ଡା, ଟ୍ରଷ୍ଟବୋର୍ଡର ସଦସ୍ୟ, ପ୍ରଶାସନ, ଉପବୀତଧାରୀ ଭକ୍ତ ଓ ବାଦ୍ୟକାରମାନେ ଶିବ-ଦୁର୍ଗା ଘଟକୁ ସୁସଜ୍ଜିତ ପୁଷ୍ପରେ ଶୋଭିତ କରି ଶୋଭାଯାତ୍ରାରେ ବାହାରିଥିଲେ। ଆଠନଖୀ, ଦଶନଖୀ, ସେବାୟତ ଓ ପଣ୍ଡାମାନେ ସାହାନାଇ ବାଦ୍ୟର ତାଳେ ତାଳେ ରୋଷଣି ଫୁଟାଇ ମନ୍ଦିରକୁ ବିଜେ କରିଥିଲେ। ଏହା ବାବାଙ୍କ ମାଳା ଚନ୍ଦନୀ ଉତ୍ସବ ନାମରେ ଖ୍ୟାତ ଅଟେ। ସନ୍ଧ୍ୟାରେ ଜୀଉଙ୍କ ମନ୍ଦିର ବିଜେ ଶୋଭାଯାତ୍ରାର ବିରଳ ଦୃଶ୍ୟ ଦର୍ଶନ ନିମନ୍ତେ ରାସ୍ତାର ଉଭୟ ପାର୍ଶ୍ୱ ଓ ଘର ଛାତ ଉପରେ ଦର୍ଶକଙ୍କ ଉତ୍କଣ୍ଠା ବଢ଼ିଥିଲା। ବିଜୁ ପଟ୍ଟନାୟକ ଗୋଲେଇଠାରେ ଚନ୍ଦନେଶ୍ୱରଜୀଉଙ୍କ ପାଟ ଉତ୍ସବର ମହାତ୍ମ୍ୟ ସମ୍ପର୍କରେ ବହୁ ବିଶିଷ୍ଟ ବ୍ୟକ୍ତି ତାତ୍ତ୍ୱିକ ବକ୍ତବ୍ୟ ଦେଇଥିଲେ। ରାତି ୮ଟାରେ ସମସ୍ତ ଉପବୀତଧାରୀ ଭକ୍ତ ଜୀଉଙ୍କ ଅର୍ଘ୍ୟ ପିଣ୍ଡରେ ମନସ୍କାମନା ପୂର୍ଣ୍ଣ କରି ଶେଷ ଅର୍ଘ୍ୟ ପ୍ରଦାନ ପୂର୍ବକ ବ୍ରତ ଶେଷ କରିଥିଲେ। ଚଳିତବର୍ଷ ସହସ୍ରାଧିକ ମାନସିକଧାରୀ ଭକ୍ତମାନେ ନିଜ ଶରୀରର ଆପାଦ ମସ୍ତକ ପର୍ଯ୍ୟନ୍ତ ସହସ୍ରାଧିକ ଲୁହାକଣ୍ଟା ଫୋଡ଼ି ଭଗବାନଙ୍କଠାରେ କଠୋର ସାଧନା କରିବା ମେଳାର ମୁଖ୍ୟ ଆକର୍ଷଣ ଥିଲା। ଅଦ୍ୟାବଧି ପ୍ରସିଦ୍ଧ ଚଡ଼କ ମେଳାରେ ୨ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସା କରାଯାଇଥିବା ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା କହିଛନ୍ତି। ସେହିପରି କୁମ୍ଭୀରଗଡ଼ିଠାରେ ପୂଜା ପାଉଥିବା ଏସିଆର ସର୍ବବୃହତ୍ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱର ଓ କୁମ୍ଭାରମୂଳିସ୍ଥିତ ଧବଳେଶ୍ୱର ପୀଠରେ ଧର୍ମୀୟ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଟପର୍ବ ଉଦ୍‌ଯାପିତ ହୋଇଛି।


ଭକ୍ତମାନେ ଜିଭରେ କଣ୍ଟାଫୋଡି ମାନସିକ ପୂରଣ କରୁଛନ୍ତି।

**ମହାବିଷୁବ ସଂକ୍ରାନ୍ତିରେ ହେବ ତିଳତର୍ପଣ**

## ବୁଧଖଣ୍ଡି ରାମେଶ୍ୱର ଶୈବପୀଠରେ ନୀଳପର୍ବ

# ଶିବ-ପାର୍ବତୀ ବିବାହ ସମ୍ପନ୍ନ

**ରୂପ୍‌ସା, ୧୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ବୁଧଖଣ୍ଡି ଗ୍ରାମରେ ରହିଛି ରାମେଶ୍ୱର ଶିବ ମନ୍ଦିର। ଏହି ଶୈବପୀଠରେ ଶହେବର୍ଷରୁ ଊର୍ଦ୍ଧ୍ୱ ହେବ ପାଳିତ ହୋଇଆସୁଛି ଚଡ଼କ ମେଳା। ଭକ୍ତାମାନେ ରୀତିନୀତି ଅନୁଯାୟୀ ବ୍ରତ ରଖି ନୀଳପର୍ବ ପାଳନ୍ତି। ମହାବିଷୁବ ସଂକ୍ରାନ୍ତିରେ ଉଡ଼ା ପର୍ବ ସାରି ମନସ୍କାମନା ପୂରଣ ନିମନ୍ତେ ମହାଦେବଙ୍କୁ ଜଣାଇଥାନ୍ତି।

ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଚୈତ୍ର ସାମାନ୍ତରେ ଶନିବାର ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ସକାଳେ ନୂଆ ପୋଖରୀରୁ ଶିବ, ପାର୍ବତୀଙ୍କ ଘଟୋତ୍ତୋଳନ କରାଯାଇଥିଲା। ପାଟଭକ୍ତା ଗୌରହରି ନାୟକ ଓ ଘଟୁଆଳ ରତ୍ନାକର ନାୟକଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀ ଓ ଭକ୍ତାମାନେ ୨ଟି ଯାକ ଘଟକୁ ବିଶାଳ ଶୋଭାଯାତ୍ରାରେ ଆଣି ମନ୍ଦିରରେ ରୋପଣ କରିଥିଲେ। କନ୍ୟାବେଶରେ ପାର୍ବତୀଙ୍କ ଘଟ ଓ ବର ବେଶରେ ଶିବଙ୍କ ଘଟ ସଜାଯାଇଥିଲା। ବୈଦିକ ରୀତିରେ ମଙ୍ଗଳନ, ହୋମଯଜ୍ଞ, ଖଇପୋଡ଼ା କରାଯାଇ ହାତଗଣ୍ଠି ପଡ଼ିଥିଲା। ଗ୍ରାମବାସୀ ପ୍ରଫୁଲ୍ଲ ଗିରି ଶିବଙ୍କ ପିତା ଓ ବସନ୍ତ ରାଉତ ପାର୍ବତୀଙ୍କ ପିତା ଭାବେ ବେଦିରେ ବସି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ନୀଳପର୍ବ ସାରି ଭକ୍ତାମାନେ ନିଆଁରେ ଚାଲିବା ସହ କଣ୍ଟାରେ ଗଡ଼ିଥିଲେ। ଗ୍ରାମବାସୀଙ୍କ କହିବାନୁଯାୟୀ ମହାଦେବଙ୍କ ଆଲୌକିକ ଶକ୍ତି ରହିଛି। ୧୦୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହେଉଛି। ଚଡ଼କମେଳା ଆସିଲେ ବହୁ ସ୍ଥାନରୁ ଭକ୍ତାମାନେ ଆସି ଏଠି ବ୍ରତ ରଖିଥାନ୍ତି। ଗାଁ ଗାଁ ବୁଲି ଭକ୍ତାନାଚ, ଶିବ ଉପାଖ୍ୟାନ ଗାନ କରାଯାଏ।


ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହେଉଛି।

# ଟ୍ରକ୍‌କୁ ପଛରୁ ପିଟିଲା କାର୍, ଆଇନଜୀବୀ ମୃତ

**ବସ୍ତା, ୧୩।୪(ସ୍ୱ.ପ୍ର.)**

ବସ୍ତା ଥାନା ଅଧୀନ ୬୦ ନଂ. ଜାତୀୟ ରାଜପଥର ମଥାନୀ କଟିପୋଲ ନିକଟରେ ଶନିବାର ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଟ୍ରକକୁ ଏକ କାର୍ ପଛରୁ ଧକ୍କା ଦେବାରୁ କାର୍ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଏଥିରେ କାର୍ ଚଳାଉଥିବା ଜୟନାରାୟଣ ବାରିକ ନାମକ ଆଇନଜୀବୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବାଲେଶ୍ୱର ରାଣୀପାଟଣା ଅଞ୍ଚଳରେ। ଟିପୋଲଠାରେ ଥିବା ଢାବାର ବିପରୀତ ପାର୍ଶ୍ୱରେ ମାଲ୍ ବୋଝେଇ ହୋଇ ଏକ ଟ୍ରକ(ନଂ.ଆର.ଜେ.୦୬-ଜିଏ-୪୧୧୭) ଠିଆ ହୋଇଥିଲା। ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଏକ କାର୍ (ନଂ.ଓଡି-୦୧ଟି-୫୭୫୩) ପଛରୁ ଜୋରରେ ପିଟି ହୋଇଯାଇଥିଲା। ଫଳରେ କାର୍ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ସହ ହଠାତ୍ ରାସ୍ତା ମଝିକୁ ଆସି ଯାଇଥିଲା। ଫଳରେ ସେହି ସମୟରେ କାର୍ ପଛରୁ ଆସୁଥିବା ଅନ୍ୟ ଏକ ମାଛ ବୋଝେଇ ଟ୍ରକ (ନଂ.ଏ.ପି.-୦୫ଟିୟୁ-୦୮୧୯ ) ହଠାତ୍ ଅଟକି ନ ପାରି ଧକ୍କା ଦେଇଥିଲା। ଫଳରେ କାର୍ ଭାଙ୍ଗି ଚୁରମାର ହୋଇଯିବା ସହ ଜୟନାରାୟଣ ଗୁରୁତର ହୋଇପଡିଥିଲେ । ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଚକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣାଗ୍ରସ୍ତ ଗାଡିକୁ ପୋଲିସ ଜବତ କରିଛି।



# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବାଲିଆପାଳ, ୧୩।୪(ସ୍ୱ.ପ୍ର.)**

ମଧୁପାର୍ବଣର ରାମନବମୀ ଅବସରରେ ବାଲିଆପାଳସ୍ଥିତ ହନୁମାନ ମନ୍ଦିରର ସପ୍ତମ ପ୍ରତିଷ୍ଠା ଉତ୍ସବ ଶନିବାର ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ପୂର୍ବାହ୍ନ ୭ଟାରେ ସୁବର୍ଣ୍ଣରେଖା ନଦୀର ବଡ଼ାପାଳସ୍ଥିତ ନଦୀଘାଟରେ ପୁରୋହିତ ମୁଖ୍ୟ ଶମ୍ଭୁନାଥ ପଣ୍ଡା ଏବଂ ମନ୍ଦିର ପୂଜକ ବାବୁରାମ ପଣ୍ଡା ମିଳିତ ଭାବେ ନଦୀ ପୂଜନ କରି ଗଙ୍ଗାମାତାଙ୍କୁ ଯଜ୍ଞକାର୍ଯ୍ୟରେ ଘଟ ସ୍ଥାପନ ସହିତ ହନୁମାନଙ୍କର ସ୍ନାନ ପାଇଁ ଆହ୍ୱାନ ଦେଇଥିଲେ। ୧୦୮ଜଣ ଶ୍ରଦ୍ଧାଳୁ ନଦୀରୁ ଜଳ ଉଠାଇ କଳସ ଶୋଭାଯାତ୍ରାରେ ବାହାରି ମନ୍ଦିର ନିକଟରେ ପହଞ୍ଚିଥିଲେ। ପାରମ୍ପରିକ ଭାବେ ସମସ୍ତ ନୀତିକାନ୍ତି ଶେଷ ହୋଇ ଯଜ୍ଞ ଆରମ୍ଭ ହୋଇଥିଲା। ପ୍ରଥମ ଦିନର ଯଜ୍ଞ କାର୍ଯ୍ୟ ସନ୍ଧ୍ୟାରେ ସମାପନ ହୋଇଥିଲା। କମିଟି ସଭାପତି ମୃତ୍ୟୁଞ୍ଜୟ ସାହୁ, ସମ୍ପାଦକ ଅଜୟ କୁମାର ଦାସଙ୍କ ସହିତ ଦୈତାରି ଗିରି, ଅଜୟ କୁମାର ସାହୁ, ପଦ୍ମଲୋଚନ ବାରିକ, ବିଜୟ କୁମାର ସାହୁ, ଗଣେଶ୍ୱର ବେହେରା କଳସ ଯାତ୍ରାର ପ୍ରତ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଅଶୋକ ରାଉତ, ଅଶୋକ ଜେନା, ବାପି ସାହୁ, ଦୀପୁ ଜେନା, ମନୋଜ ସୀ, ବିଜୟ କୁମାର ପ୍ରଧାନ, ବାଇଧର ପରିଡ଼ା, ଅର୍ଦ୍ଧେନ୍ଦୁ ପାଣିଗ୍ରାହୀ, ପଞ୍ଚାନନ ନାୟକଙ୍କ ସମେତ କମିଟିର ସମସ୍ତ ସଦସ୍ୟଙ୍କୁ ମନ୍ଦିର ପରିସର ଓ ଯଜ୍ଞବେଦିର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ରବିବାର ଯଜ୍ଞର ପୂର୍ଣ୍ଣାହୁତି ଦିଆଯିବା ସହିତ ସାର୍ବଜନୀନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା କମିଟିର ସଭାପତି ମୃତ୍ୟୁଞ୍ଜୟ ସାହୁ ସୂଚନା ପ୍ରଦାନ କରିଥିଲେ।


ହନୁମାନ ମନ୍ଦିରର ସପ୍ତମ ପ୍ରତିଷ୍ଠା ଉତ୍ସବ ଅବସରରେ ମହିଳାଙ୍କ କଳସ ଶୋଭାଯାତ୍ରା।

# ରାମନବମୀରେ ଔପଦା ଉତ୍ସବମୁଖର

## ରାମ, ଲକ୍ଷ୍ମଣ, ସୀତା, ହନୁମାନ ବେଶରେ ଶିଶୁଙ୍କ ଶୋଭାଯାତ୍ରା

**ଔପଦା, ୧୩।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ବଜାର ରାମନବମୀ ପାଇଁ ଉତ୍ସବମୁଖର ହୋଇପଡିଛି। ବଜାରସ୍ଥିତ ପୂଜା ମଣ୍ଡପରେ ଯଜ୍ଞାନୁଷ୍ଠାନ ଆରମ୍ଭ ହୋଇଛି। ଔପଦା ବଜାରକୁ ଗେରୁଆ ରଙ୍ଗର ପତାକାରେ ସଜ୍ଜିତ କରାଯାଇଥିବା ବେଳେ ବଜରଙ୍ଗବାଲି ହନୁମାନଙ୍କ ଧ୍ୱଜା ମନ୍ଦିର ଓ ଛକ ସ୍ଥାନରେ ଉଡ଼ାଇ ଦିଆଯାଇଛି। ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଗଡ଼େଶ୍ୱର ମହାଦେବ ପୋଖରୀ ଘାଟରୁ ଶତାଧିକ ମହିଳା, ଯୁବକ ଓ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସୁସଜ୍ଜିତ କଳସ ଶୋଭାଯାତ୍ରା ବାହାରି ଔପଦା ବଜାର ପରିକ୍ରମା କରି ଯଜ୍ଞମଣ୍ଡପଠାରେ ପହଞ୍ଚିଥିଲା। ଶ୍ରୀରାମ, ମାତା ଜାନକୀ, ଲକ୍ଷ୍ମଣ ଓ ହନୁମାନ ବେଶରେ ଶିଶୁମାନେ ସଜ୍ଜିତ ହୋଇ ଶୋଭାଯାତ୍ରା କରିଥିଲେ। ଜୟ ଶ୍ରୀରାମ, ଜୟ ବଜରଙ୍ଗବାଲି ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ସାମାଜିକ କର୍ମୀ ଅଜୟ ପ୍ରଧାନ, ହେମକାନ୍ତ ସିଅ, ବିକ୍ରମ କେଶରୀ ପାତ୍ର, ପର୍ଶୁରାମ ଲେଙ୍କା, ବିଚିତ୍ର ପୁହାଣ, ଅନନ୍ତ ପ୍ରସାଦ ନନ୍ଦ, ଲକ୍ଷ୍ମୀକାନ୍ତ ବେହେରା, ଶାନ୍ତିଲତା ଲେଙ୍କା ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଜଜମାନ ସୁଧାଂଶୁ ପାଣିଗ୍ରାହୀ ଓ ଅନ୍ୟ ସହଯୋଗୀଙ୍କ ଦ୍ୱାରା ଯଜ୍ଞାନୁଷ୍ଠାନ ସମାହିତ ହୋଇଥିଲା। ମଧୁରମାଳିନୀ ପ୍ରଧାନ, ଉପେନ୍ଦ୍ର ପଣ୍ଡା ଓ ଉଦୟ ନାୟକ ପ୍ରମୁଖ ଆୟୋଜନ କରିଥିଲେ। ଶହ ଶହ ଶ୍ରଦ୍ଧାଳୁ ଦର୍ଶନାର୍ଥୀଙ୍କୁ ମାଗଣା ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।


ରାମନବମୀ ଅବସରରେ କଳସ ଶୋଭାଯାତ୍ରା।

# 'ଅନଗ୍ରସରଙ୍କୁ ପ୍ରାଥମିକତା ଦିଆଯିବ'

**ଖଇରା, ୧୩।୪(ଡି.ଏନ.ଏ.)**

ବିଏସପି ପକ୍ଷରୁ ଖଇରା ବ୍ଲକରେ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଛି। ଭଦ୍ରକ ଏମ୍‌ପି ପ୍ରାର୍ଥୀ ମୂରଲୀଧର ଜେନା ଖଇରା ବ୍ଲକର କୋଚିଆକୋଇଲି ନିକଟରେ ପହଞ୍ଚିବା ପରେ ତାଙ୍କ କର୍ମୀମାନେ ଦଳୀୟ କାର୍ଯ୍ୟାଳୟକୁ ପାଛୋଟି ନେଇଥିଲେ। ପରେ ଏମପି ପ୍ରାର୍ଥୀ ମୂରଲୀଧର ଓ ବିଧାୟକ ପ୍ରାର୍ଥୀ ପୃଥୀରାଜ ଦାସ ଖବରଦାତାମାନଙ୍କୁ ଦଳର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବିଏସ୍‌ପି ସମାନତା, ସ୍ୱତନ୍ତ୍ରତା ଓ ସାମାଜିକ ନ୍ୟାୟ ପାଇଁ କାର୍ଯ୍ୟ କରୁଛି। ଦଳ ଜିତିଲେ ସମାଜରେ ଅନଗ୍ରସରଙ୍କର ଉନ୍ନତିକୁ ପ୍ରାଥମିକତା ଦେବ ବୋଲି କହିଥିଲେ । ସେହିଭଳି ବିଧାୟକ ପ୍ରାର୍ଥୀ ପୃଥୀରାଜ ଖଇରା ବ୍ଲକ ଆଜିବି ଅବହେଳିତ। ଏଣୁ ଖଇରାର ସ୍ୱାଭିମାନ ରକ୍ଷା ପାଇଁ ତାଙ୍କୁ ଭୋଟ ଦେବା ଦରକାର ବୋଲି କହିଥିଲେ। ପରେ ଉଭୟ ପ୍ରାର୍ଥୀ ବ୍ଲକର ଆଦିବାସୀ ଅଧ୍ୟୁଷିତ ପଞ୍ଚାୟତ ବାଉଁଶଗଡିଆ ଓ କଇଥଗଡିଆ ଗସ୍ତ କରି ଭୋଟରଙ୍କୁ ଭେଟି ଦଳର ଆଭିମୁଖ୍ୟ ସମ୍ପର୍କରେ ପ୍ରକାଶ କରି ଜିତାଇବାକୁ ନିବେଦନ କରିଥିଲେ। ବିଏସ୍‌ପିର ଜିଲା ସଂଯୋଜକ ଅଜୟ ମଲ୍ଲିକ ଓ ବରିଷ୍ଠ ନେତା କାହ୍ନଚରଣ ମହାଲିକ, ଗଜେନ୍ଦ୍ର ଜେନା ପ୍ରମୁଖ ସାମିଲ ଥିଲେ ।


ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଦଳୀୟ କାର୍ଯ୍ୟାଳୟକୁ ପାଛୋଟି ନିଆଯାଉଛି।

# 'ଏ' ଗ୍ରେଡ୍ ମାନ୍ୟତା ସତ୍ତ୍ୱେ ହୋଇପାରୁନି ବିକାଶ

**ବାଲେଶ୍ୱର ଅଫିସ, ୧୩।୪**

ବାଲେଶ୍ୱର ରେଳଷ୍ଟେଶନକୁ ୩ବର୍ଷ ହେଲା ମିଳିଛି 'ଏ' ଗ୍ରେଡ଼ ମାନ୍ୟତା। ଯାତ୍ରୀମାନଙ୍କ ସୁରକ୍ଷା ଓ ଏହାର ଉନ୍ନତୀକରଣ ଲାଗି ମନ୍ତ୍ରଣାଳୟ ତରଫରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିଲେ ମଧ୍ୟ ଉଠାଦୋକାନୀମାନେ ଏଥିରେ ବାଧକ ସାଜିଛନ୍ତି। ବରିଷ୍ଠ ମଣ୍ଡଳ ଅଧିକାରୀମାନେ ଆସୁଥିବା ସମୟରେ କୌଣସି ଉପାୟରେ ଖବରପାଇ ଉଠାଦୋକାନୀମାନେ ସ୍ୱଇଚ୍ଛାରେ ଉଠିଯାଉଛନ୍ତି। ଅଧିକାରୀମାନେ ଯିବା ପରେ ବ୍ୟବସାୟୀମାନେ ପୁଣି ସେଠାରେ ବସି ବ୍ୟବସାୟ ଆରମ୍ଭ କରୁଛନ୍ତି। ଫଳରେ ଉନ୍ନୟନ କାର୍ଯ୍ୟ ଅଟକିଯାଉଛି ବୋଲି ଶନିବାର ପୂର୍ବାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଷ୍ଟେଶନ ପ୍ରବନ୍ଧକ ଭାଗବତ ଦାସ କହିଛନ୍ତି।

ବାଲେଶ୍ୱର ରେଳ ଷ୍ଟେଶନର ଉନ୍ନୟନମୂଳକ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଆଗେଇ ଚାଲିଛି। ୨ନଂ. ପ୍ଲାଟଫର୍ମର ମଧ୍ୟଭାଗରେ ଲିଫ୍ଟ କାମ ସମ୍ପୂର୍ଣ୍ଣ ହୋଇଛି। ୧ ଓ ୨ନଂ. ପ୍ଲାଟଫର୍ମ ଖଡ଼ଗପୁର ପଟରେ ଆଉ ୨ଟି ଲିଫ୍ଟ ହେବା ଲାଗି ମଞ୍ଜୁରି ହୋଇଛି। ଉଚ୍ଚ ଶ୍ରେଣୀ ବିଶ୍ରାମାଗାରକୁ ଶୀତତାପ ନିୟନ୍ତ୍ରିତ କରାଯାଇଛି। ସେଠାରେ ଟିଭି ଓ ମ୍ୟୁଜିକ୍ ଲଗାଯିବାର ବ୍ୟବସ୍ଥା ହୋଇଛି। ୧ନଂ. ପ୍ଲାଟଫର୍ମରେ ଶୀତତାପ ନିୟନ୍ତ୍ରିତ ଦେୟଯୁକ୍ତ ଭିଆଇପି ଲାଉଞ୍ଜ ହେବାର ପ୍ରସ୍ତାବ ଅଛି। ଡିଜିଟାଲ କୋଚ୍ ଇଣ୍ଡିକେଶନ ବୋଡ଼ ଫୁଟ୍ ଓଭରବ୍ରିଜ୍‌ର ଲାଗିବାର ବ୍ୟବସ୍ଥା ହେଉଛି। ଯାତ୍ରୀମାନେ ଯା'ଆସ କରୁଥିବା ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ସୌନ୍ଦର୍ଯ୍ୟକରଣ ଲାଗି ୩ଟି ତ୍ରିଭାଷିକ ଉଜ୍ଜ୍ୱଳ ଷ୍ଟେଶନ ଫଳକ ଲଗାଯାଇଛି। ଅବ୍ୟବହୃତ ଜାଗାରେ ସୁନ୍ଦର ଫୁଲବଗିଚା କରିବା ପାଇଁ କାର୍ଯ୍ୟ ଚାଲୁ ରହିଛି। ବରିଷ୍ଠ ମଣ୍ଡଳ ଅଧିକାରୀମାନେ ଯାଞ୍ଚ ପାଇଁ ଆସିବା ପୂର୍ବରୁ ବେଆଇନ ଭାବେ ବସିଥିବା ଉଠାଦୋକାନୀମାନେ ସ୍ୱଇଚ୍ଛାରେ ସେମାନଙ୍କ ଦୋକାନକୁ ସ୍ଥାନାନ୍ତର କରିଥିଲେ। ନିର୍ବାଚନ ପରେ ରେଳରୋକୋ କରିବା ପାଇଁ ରାଜନୈତିକ ଦଳ, ବ୍ୟବସାୟୀ ସଂଘ, ଯାତ୍ରୀ ତଥା ଜନସାଧାରଣ ଆହ୍ୱାନ ଦେଇଛନ୍ତି। ଯାତ୍ରୀମାନଙ୍କର ସୁରକ୍ଷା, ସୁବିଧା ଓ ଷ୍ଟେଶନର ଉନ୍ନତିକୁ ଆଖି ଆଗରେ ରଖି ଏଥିରୁ ନିବୃତ୍ତ ରହିବାକୁ ମଣ୍ଡଳ ପରିଚାଳନା ନିରୀକ୍ଷକ ଆଶିଷ କୁମାର ଖୁଣ୍ଟିଆ ଓ ନିକୁରସୁନି ଷ୍ଟେଶନ ପ୍ରବନ୍ଧକ ପର୍ଶୁରାମ ଭୂୟାଁ ଅନୁରୋଧ କରିଛନ୍ତି।


ଖବରଦାତା ସମ୍ମିଳନୀରେ ରେଳ ଷ୍ଟେଶନ ପ୍ରବନ୍ଧକ ଓ ମଣ୍ଡଳ ପରିଚାଳନା ନିରୀକ୍ଷକ।

**ବାଲେଶ୍ୱର ରେଳ ଷ୍ଟେଶନ**



# ଜେଏମ୍ଏମ୍ ପ୍ରାର୍ଥୀ ସବୁଠୁ ବେଶି ଧନୀ

**ବାରିପଦା ଅଫିସ,୧୩।୪**

ମୟୂରଭଞ୍ଜ ଜିଲାରେ ୪ର୍ଥ ପର୍ଯ୍ୟାୟରେ ଆସନ୍ତା ୨୯ ତାରିଖରେ ଭୋଟ ଗ୍ରହଣ କରାଯିବ। ଏଥିପାଇଁ ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କୁ ନେଇ ପ୍ରଚାର ଚଳାଇଛନ୍ତି। ମୟୂରଭଞ୍ଜ ଲୋକ ସଭା କ୍ଷେତ୍ର ଅଧୀନରେ ଥିବା ୭ ଟି ବିଧାନସଭା ମଣ୍ଡଳୀରେ ପ୍ରାର୍ଥୀମାନେ ଏବେ ଗାଁ ଗାଁ ଘୁରି ଭୋଟରଙ୍କୁ ଭେଟୁଛନ୍ତି। ଲୋକ ସଭା ଆସନ ପାଇଁ ନିର୍ବାଚନ ମଇଦାନରେ ମୋଟ ୮ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଲେ ବିଜେଡିରୁ ଡ. ଦେବାଶିଷ ମାର୍ଣ୍ଡି, ଭାଜପାରୁ ଇଂ. ବିଶ୍ୱେଶ୍ୱର ଟୁଡୁ, ଜେଏମ୍ଏମ୍‌ରୁ ଅଞ୍ଜନୀ ସୋରେନ, ବହୁଜନ ମୁକ୍ତି ପାର୍ଟିରୁ ଭରତଚନ୍ଦ୍ର ସିଂ, ବିଏସପିରୁ ରାମଚନ୍ଦ୍ର ସିଂ ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ନନ୍ଦ କିଶୋର କିସ୍କୁ, ରବୀନ୍ଦ୍ରନାଥ ସିଂ ଓ ପାର୍ବତୀ ପୂର୍ତ୍ତି ।

ଲୋକ ସଭା ଆସନର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ ବେଳେ ଦେଇଥିବା ସତ୍ୟପାଠରେ ନିଜର ସମ୍ପତ୍ତି, ଶିକ୍ଷାଗତ ଯୋଗ୍ୟତା ଓ ଅନ୍ୟ ବିଷୟରେ ବିଭିନ୍ନ ତଥ୍ୟ ଦେଇଛନ୍ତି। ଏଥିରୁ ମିଳିଥିବା ସୂଚନା ମୁତାବକ କେବଳ ଭାଜପା ପ୍ରାର୍ଥୀ ବିଶ୍ୱେଶ୍ୱରଙ୍କ ନାମରେ ଗୋଟିଏ ଆପରାଧିକ ମାମଲା ଥିବା ବେଳେ ଜେଏମଏମ ପ୍ରାର୍ଥୀ ଅଞ୍ଜନୀ ସବୁଠୁ ଅଧିକ ଧନୀ ପ୍ରାର୍ଥୀ ବୋଲି ଜଣାପଡିଛି।

ଜେଏମ୍ଏମ୍ ରାଜ୍ୟ ମହିଳା ସଭାନେତ୍ରୀ ତଥା ଏମ୍‌ପି ପ୍ରାର୍ଥୀ ଅଞ୍ଜନୀ ସୋରେନଙ୍କ ଗ୍ରାମ ବାଦାମପାହାଡ ଥାନା ଅଧୀନ ଘଡାଡେଗାରେ । ତାଙ୍କ ସ୍ୱାମୀ ସ୍ୱର୍ଗତ ଦେବାନନ୍ଦ ମାରାଣ୍ଡି । ପୁଅ ସାହେବ ଓ ଝିଅ ପ୍ରୀତି । ୨୦୧୩-୧୪ ରେ ତାଙ୍କର ବାର୍ଷିକ ଆୟ ୫ ଲକ୍ଷ ୧ ହଜାର ୩୨୫ ଟଙ୍କା ରହିଥିଲା। ୨୦୧୭-୧୮ ଆର୍ଥିକ ବର୍ଷରେ ଏହା ୯ ଲକ୍ଷ ୫୨ ହଜାର ୩୨୨ ଟଙ୍କା ହୋଇଛି। ଅଞ୍ଜନୀଙ୍କ ନିକଟରେ ନଗଦ ୧ ଲକ୍ଷ ୬୬ ହଜାର ଥିବା ବେଳେ ପୁଅଙ୍କ ପାଖରେ ୧ ଲକ୍ଷ ଓ ଝିଅଙ୍କ ପାଖରେ ୧୦ ହଜାର ଟଙ୍କା ରହିଛି। ତାଙ୍କ ନାମରେ କୌଣସି ଆପରାଧିକ ମାମଲା ନ ଥିବା ସେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ତାଙ୍କ ନାମରେ ୨ଟି ୪ ଚକିଆ ଓ ସ୍ୱାମୀଙ୍କ ନାମରେ ଗୋଟିଏ ଚାରିଚକିଆ ଯାନ ରହିଛି। ସେ ଝାଡଖଣ୍ଡ ରାଜ୍ୟର ବୋକାରୋସ୍ଥିତ ଡିଜିଏସଏସ ଇଣ୍ଟର କଲେଜରୁ କଳାରେ ଇଣ୍ଟରମିଡିଏଟ ପାସ କରିଛନ୍ତି। ଅଞ୍ଜନୀଙ୍କ ନାଁରେ ୧ କୋଟି ୧ ଲକ୍ଷ ୨୨ ହଜାର ଟଙ୍କାର ସ୍ଥାବର ସମ୍ପତ୍ତି ଏବଂ ୧ ଲକ୍ଷ ୧୨ ହଜାର ୫୬ ହଜାର ୯୧୮ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି।

**ମୟୂରଭଞ୍ଜ ଲୋକ ସଭା ଆସନ**

- ସତ୍ୟପାଠରେ ଉଲ୍ଲେଖ ଥିବା ତଥ୍ୟ: ଭାଜପା ପ୍ରାର୍ଥୀଙ୍କ ନାମରେ ୧ ମାମଲା ବିଚାରାଧୀନ
- ମଇଦାନରେ ୮ ପ୍ରାର୍ଥୀ

ତାଙ୍କ ସ୍ୱାମୀଙ୍କ ନାମରେ ୧ କୋଟି ୧୦ ଲକ୍ଷ ୩୪ ହଜାର ୫୦୦ ଟଙ୍କାର ସ୍ଥାବର ଏବଂ ୯ ଲକ୍ଷ ୭୪ ହଜାର ୧୮୪ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ପୁଅ ସାହେବଙ୍କ ସ୍ଥାବର ସମ୍ପତ୍ତିର ପରିମାଣ ୮ ଲକ୍ଷ ୫୦ ହଜାର ଏବଂ ଅସ୍ଥାବର ସମ୍ପତ୍ତିର ପରିମାଣ ୪ ଲକ୍ଷ ୨୯ ହଜାର ୭୩୨ ଟଙ୍କା । ସେହିପରି ଝିଅ ପ୍ରୀତିଙ୍କ ନାମରେ ଅସ୍ଥାବର ସମ୍ପତ୍ତି ଭାବେ ୨ ଲକ୍ଷ ୩୭ ହଜାର ଟଙ୍କା ରହିଥିବା ସେ ସତ୍ୟପାଠରେ ଦର୍ଶାଇଛନ୍ତି।

ଲୋକ ସଭା ଆସନର ଅନ୍ୟ ପ୍ରମୁଖ ପ୍ରାର୍ଥୀଙ୍କ ତୁଳନାରେ ଅଞ୍ଜନୀ ସବୁଠୁ ଧନୀ ବୋଲି ଏହି ତଥ୍ୟରୁ ଜଣାପଡିଛି। ଅଞ୍ଜନୀ ହେଉଛନ୍ତି ଝାଡଖଣ୍ଡ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ଝିଅ। ଏ ସମ୍ପର୍କରେ ତାଙ୍କ ପ୍ରତିକ୍ରିୟା ପଚାରିବାରୁ ଅଞ୍ଜନୀ କହିଥିଲେ, ନାମାଙ୍କନ ପତ୍ର ସତ୍ୟପାଠରେ ସେ ଠିକ୍ ତଥ୍ୟ ଦେଇଛନ୍ତି। ସ୍ୱଚ୍ଛଭାବେ ନିର୍ବାଚନ ଲଢ଼ିବା ତାଙ୍କର ଲକ୍ଷ୍ୟ।

ଭାଜପା ପ୍ରାର୍ଥୀ ଇଂ. ବିଶ୍ୱେଶ୍ୱର ଟୁଡୁ (୫୪) ସତ୍ୟପାଠରେ ଦର୍ଶାଇଛନ୍ତି ଯେ ସେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ(ଡିପ୍ଲୋମା) ପଢ଼ିଛନ୍ତି। ତାଙ୍କ ଘର ମୋରଡା ନିର୍ବାଚନ ମଣ୍ଡଳୀ ଅଧୀନ ଖୁଣ୍ଟାପାଳ ଗ୍ରାମରେ। ତାଙ୍କ ସ୍ଥାବର ସମ୍ପତ୍ତି ପରିମାଣ ୧୦ ଲକ୍ଷ ଏବଂ ଅସ୍ଥାବର ସମ୍ପତ୍ତିର ପରିମାଣ ୧୩ ଲକ୍ଷ ୯୭ ହଜାର ଟଙ୍କା ଥିବା ସେ ଦର୍ଶାଇଛନ୍ତି। ତାଙ୍କର ଗୋଟିଏ ଚାରିଚକିଆ ଗାଡି ଓ ଗୋଟିଏ ମୋଟରସାଇକଲ ରହିଛି। ତାଙ୍କ ପାଖରେ ନଗଦ ୧ ଲକ୍ଷ ଟଙ୍କା ଥିବା ବେଳେ ସ୍ତ୍ରୀ ସୁମିତ୍ରାଙ୍କ ପାଖରେ ୩୦ ହଜାର ଟଙ୍କା ରହିଛି। ଚଳିତ ବର୍ଷ ତାଙ୍କ ବାର୍ଷିକ ଆୟ ୯ ଲକ୍ଷ ୧୯ ହଜାର ଟଙ୍କା ଥିବା ସେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ତାଙ୍କ ନାମରେ ମୋରଡା ଥାନାରେ ଏକ ମାମଲା(ନଂ.୬୦/୨୦୦୭) ରହିଛି, ଯାହାକି ଏବେ ବାରିପଦା ଏସଡିଜେଏମଙ୍କ ନିକଟରେ ବିଚାରାଧୀନ ରହିଥିବା ସେ ଉଲ୍ଲେଖ କରିଛନ୍ତି।

ବିଜେଡି ପ୍ରାର୍ଥୀ ଡା. ଦେବାଶିଷ ମାର୍ଣ୍ଡି(୪୧) ଦର୍ଶାଇଛନ୍ତି ଯେ, ସେ ଏସସିବି ମେଡିକାଲ କଲେଜରେ ଆନାସ୍ଥେସିଆ ବିଭାଗରେ ପାଠ ପଢ଼ିଛନ୍ତି। ଘର ବାରିପଦା ସହର ଭୁଗୁଡାକଟା ୱାର୍ଡ ନଂ-୨୧ରେ । ତାଙ୍କ ନାମରେ କୌଣସି ଆପରାଧିକ ମାମଲା ନାହିଁ । ୨୦୧୩-୧୪ ଆର୍ଥିକ ବର୍ଷରେ ତାଙ୍କର ବାର୍ଷିକ ଆୟ ୩ ଲକ୍ଷ ୨୯ ହଜାର ୨୦୦ ଟଙ୍କା ଥିବା ବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ଏହା ୧୧ ଲକ୍ଷ ୩୬ ହଜାର ୩୩୦ ଟଙ୍କାକୁ ବୃଦ୍ଧି ପାଇଛି। ତାଙ୍କର ୨ଟି ଚାରିଚକିଆ ଯାନ ଓ ଗୋଟିଏ ମୋଟରସାଇକେଲ ରହିଛି। ପାଖରେ ନଗଦ ୧ ଲକ୍ଷ ୧୦ ହଜାର ଟଙ୍କା ରହିଛି। ସ୍ଥାବର ସମ୍ପତ୍ତିର ପରିମାଣ ୬୧ ଲକ୍ଷ ୫୧ ହଜାର ୩୧୨ ଟଙ୍କା ଏବଂ ଅସ୍ଥାବର ସମ୍ପତ୍ତିର ପରିମାଣ ୩୪ ଲକ୍ଷ ୪୨ ହଜାର ୫୧୫ ଟଙ୍କା। ତାଙ୍କ ସ୍ତ୍ରୀଙ୍କ ଅସ୍ଥାବର ସମ୍ପତ୍ତିର ପରିମାଣ ୪ ଲକ୍ଷ ୫୦ ହଜାର ୧୦୦ ଟଙ୍କା ଏବଂ ପୁଅଙ୍କ ନାଁରେ ୧୧ ଲକ୍ଷ ୬୬ ହଜାର ୮୪୫ ଟଙ୍କାର ସ୍ଥାବର ସମ୍ପତ୍ତି ଏବଂ ୧୦ ଲକ୍ଷ ୯୦ ହଜାର ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଥିବା ସେ ସତ୍ୟପାଠରେ ସୂଚନା ଦେଇଛନ୍ତି।



ସଜନାଗଡ଼ ଗ୍ରାମପଞ୍ଚାୟତ କୁସୁମିଆ ଗ୍ରାମରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର ।

# ନୀଳଗିରିରେ ଭାଜପା ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର

**ସଜନାଗଡ଼, ୧୩।୪(ଡି.ଏନ.ଏ.)**

ନୀଳଗିରି ନିର୍ବାଚନମଣ୍ଡଳୀକୁ ଦଖଲ କରିବା ପାଇଁ ବିଭିନ୍ନ ଦଳ ପକ୍ଷରୁ ଆରମ୍ଭ ହୋଇଛି କସରତ। ଏହି ଅବସରରେ ଶନିବାର ଭାଜପାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ନୀଳଗିରି ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଇଂ. ସୁକାନ୍ତ କୁମାର ନାୟକ ୧୨ନଂ. ଜୋନ୍‌ରେ ମାରାଥନ୍ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରଥମେ ଜଡ଼ିତା ପଞ୍ଚାୟତର ହରିଜନସାହି, ଜାମୁଡ଼ିହା ପଞ୍ଚାୟତର ବାଘମରା, ସଜନାଗଡ଼ ପଞ୍ଚାୟତର କୁସୁମିଆ ଓ ବନ୍ଧସାହି, ନରଣପୁର ପଞ୍ଚାୟତ ନରଣପୁରରେ ନିଜ କର୍ମୀ, ସମର୍ଥକ, ଶୁଭେଚ୍ଛୁ ଏବଂ ଜନସାଧାରଣଙ୍କ ଗହଣରେ ଛୋଟ ଛୋଟ ବୈଠକ ମାଧ୍ୟମରେ ଭୋଟ୍ ଭିକ୍ଷା କରିଥିଲେ। ଏହି ପ୍ରଚାର ସନ୍ଧ୍ୟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଚଳିତ ନିର୍ବାଚନରେ ବିଧାନସଭା କ୍ଷେତ୍ର ଓ ଲୋକ ସଭା ଆସନରେ ଭାଜପା-ବିଜେଡି ମଧ୍ୟରେ କଡ଼ା ଟକ୍କର ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ନିର୍ବାଚନ ବୈତରଣୀ ପାରହେବା ପାଇଁ ଆରମ୍ଭ ହୋଇଯାଇଛି କସରତ। ନୀଳଗିରି ଗଡ଼ଜାତ ମାଟିରେ କିଏ ବାଜି ମାରିବ ଏନେଇ ଗାଁ, ଛକ ଠାରୁ ଚା' ଦୋକାନ ପର୍ଯ୍ୟନ୍ତ ସବୁଠାରେ ଚର୍ଚ୍ଚା ଲାଗି ରହିଛି।



ମିଶ୍ରଣ ପର୍ବରେ ବିଜେଡି ନେତୃବୃନ୍ଦ।

# ବିଜେଡିରେ ମିଶିଲେ ଭାଜପା ରାଜ୍ୟ ଉପସଭାପତିଙ୍କ ଭାଇ

**ଭଦ୍ରକ ଅଫିସ, ୧୩।୪-** ଭଦ୍ରକ ଜିଲା ବିଜେଡି କାର୍ଯ୍ୟାଳୟରେ ଶନିବାର ମଧ୍ୟାହ୍ନରେ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପାର ରାଜ୍ୟ ଉପସଭାପତି ତଥା ଧାମନଗର ବିଧାନସଭା ପ୍ରାର୍ଥୀ ବିଷ୍ଣୁ ସେଠୀଙ୍କ ସାନଭାଇ ବିଜୟ ସେଠୀ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କ ସହ ଧାମନଗର ଦଳାଙ୍ଗ ପଞ୍ଚାୟତର ବରିଷ୍ଠ ଭାଜପା ନେତା ପଦ୍ମଲୋଚନ ବେହେରା ଓ ତାଙ୍କ ସମର୍ଥକମାନେ ବିଜେଡିରେ ମିଶିଛନ୍ତି। ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଛାତ୍ର ବିଜେଡିର ଜିଲା ସଭାପତି ତଥାଗତ ସାମଲ, ହରିହର ପାଢୀ, ନାରାୟଣ ସାହୁ, ଶରତ ଚନ୍ଦ୍ର ସାମଲ, କ୍ଷୀରୋଦ ସାମଲ, ଅଜୟ ନାୟକ ଓ ବରିଷ୍ଠ ନେତା ରଘୁନାଥ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦୁଇ ବରିଷ୍ଠ ନେତା ବିଜେଡିରେ ଯୋଗଦେବାରୁ ଧାମନଗର ଓ ଭଦ୍ରକ ଜିଲା ବିଜେଡି ବହୁ ଲାଭରେ ରହିବ ବୋଲି ଜିଲା ସଭାପତି ସ୍ୱାଇଁ ପ୍ରତିକ୍ରିୟା ରଖିଥିଲେ।

# ଏପଟେ ମିଶ୍ରଣ, ସେପଟେ ଅସନ୍ତୋଷ

**ଖଇରା, ୧୩।୪(ଡି.ଏନ.ଏ.)**

ଦଳ ବଦଳ ରାଜନୀତି ସବୁ ଦଳରେ ଏକପ୍ରକାର ଅଡୁଆ ସ୍ଥିତି ସୃଷ୍ଟି କରିଛି। ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନ ମଣ୍ଡଳୀ ଭାଜପାରେ ଅନ୍ୟ ଦଳ ଛାଡିଥିବା ନେତୃବୃନ୍ଦଙ୍କ ଅଧିକ ଭିଡ ଲାଗିରହିଛି। ଏହା ଦଳର ଶକ୍ତିବୃଦ୍ଧି କରିବ ବୋଲି ନେତୃବୃନ୍ଦ କହୁଛନ୍ତି। କିନ୍ତୁ ଦଳର ନୂଆ ନେତାଙ୍କ ଆବିର୍ଭାବରେ ପୁରୁଖା କର୍ମୀମାନେ ନିରୁତ୍ସାହିତ ହେଉଥିବା ଅଭିଯୋଗ କରିଛନ୍ତି। ନିର୍ବାଚନ ପରିପ୍ରେକ୍ଷୀରେ ଏହି ଅସନ୍ତୋଷ ଦୂର କରିବା ପାଇଁ ଭାଜପା ପକ୍ଷରୁ ଏକ କମିଟି ଗଠନ କରାଯାଇଥିବା ଦଳର ସିମୁଳିଆ ବିଧାନସଭା ଆସନ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ସୂଚନା ଦେଇଛନ୍ତି।

ଉଲ୍ଲେଖନୀୟ ଯେ, ବିଜେଡି ଟିକେଟରୁ ବଞ୍ଚିତ ହେବା ପରେ ଯଯାତି ଦାସଙ୍କ ସମେତ ଅନ୍ୟ ଅସନ୍ତୁଷ୍ଟ ନେତା ସନ୍ତୋଷ ଶତପଥୀ, ରାଧାକାନ୍ତ ପାତ୍ର ଭାଜପା ଶିବିରରେ ଯୋଗ ଦେଇସାରିଛନ୍ତି । ସେହିଭଳି ସାରଡାଙ୍ଗର ବୁଲୁ ଲେଙ୍କା, ବରଦାର ପରୀକ୍ଷିତ ମହାପାତ୍ର, ଗଗନଧୂଳି ସମିତିସଭ୍ୟ ମନୋଜ ଦାସ, ମହତୀପୁର ସରପଞ୍ଚ ସଞ୍ଜୟ ସେଠୀ, ବାବୁ ରାଉତ ପ୍ରମୁଖ ନିଜ ଦଳ ଛାଡି ଭାଜପାରେ ସାମିଲ ହୋଇଛନ୍ତି । ବିଭିନ୍ନ ଦଳରୁ ଆସିଥିବା ନେତା ଓ ସମର୍ଥକମାନେ କେତେକ କ୍ଷେତ୍ରରେ ନିଜକୁ ଖାପ ଖୁଆଇ ନ ପାରି ଅସନ୍ତୋଷ ପ୍ରକାଶ କରୁଥିବା ବେଳେ ସେପଟେ ଦଳର ପୁରୁଖାକର୍ମୀଙ୍କୁ ଅଣଦେଖା କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଭାଜପା ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନ ଶୋଭାଯାତ୍ରାରେ କେତେକ ପୁରୁଖା କର୍ମୀଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଭାଜପାର ଏଭଳି ପରିବର୍ତ୍ତିତ କାର୍ଯ୍ୟଶୈଳୀ ନେଇ ୬ ନଂ. ଗରସଙ୍ଗ ଜୋନର ମଣ୍ଡଳ ସଭାପତି ନକୁଳ ସାହୁ ପ୍ରଶ୍ନ ଉଠାଇଛନ୍ତି । ପୁରୁଖା କର୍ମୀଙ୍କୁ ଅଣଦେଖା କରାଯିବା ପ୍ରସଙ୍ଗରେ ସେମାନେ ଦଳର ରାଜ୍ୟ ନେତୃବୃନ୍ଦକୁ ଜଣାଇଛନ୍ତି । ଉପରସ୍ତରରେ କ'ଣ ନିଷ୍ପତ୍ତି ନିଆଯାଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଗଗନଧୂଳି, ଗୋବିନ୍ଦପୁର, ମହତୀପୁର, ସୁଣ୍ଡିରା, ଡୁଙ୍ଗୁରା ଅଞ୍ଚଳରେ ଦଳରେ ଏଭଳି ସମସ୍ୟା ଅଧିକ ଘନୀଭୂତ ହୋଇଥିବା କୁହାଯାଉଛି। ଏ ସମ୍ପର୍କରେ ଦଳର ପ୍ରାର୍ଥୀ ପଦ୍ମଲୋଚନଙ୍କୁ ପଚରା ଯିବାରୁ ସେ କହିଛନ୍ତି, ବିଭିନ୍ନ ଦଳରୁ ନେତାମାନେ ଆସି ଭାଜପାରେ ଯୋଗଦେବା ପରେ ଦଳର ଆକାର ବୃଦ୍ଧି ପାଇଛି। କାଁଭାଁ ଅସନ୍ତୋଷ ରହିବା ସ୍ୱାଭାବିକ । ମନ ଊଣା କରୁଥିବା ପୁରଖା ନେତାଙ୍କୁ ବୁଝାଇବା ସକାଶେ ଏକ କମିଟି ଗଠନ କରାଯାଇଛି ବୋଲି ସେ କହିଛନ୍ତି ।



କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# 'ବିଜେଡିର ବଳ ଅହିଂସା ଓ ପ୍ରଗତି'

**ବାସୁଦେବପୁର, ୧୩।୪ (ଡି.ଏନ.ଏ.)**

ବାସୁଦେବପୁର ବ୍ଲକ ଚୂଡ଼ାମଣି ପଞ୍ଚାୟତ ପଲେଇସାହିରେ ବିଜେଡି ପକ୍ଷରୁ ନିର୍ବାଚନୀ ସଭା ଓ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ତଥା ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ଯୋଗଦେଇ ଅହିଂସା ଓ ପ୍ରଗତି ବିଜେଡିର ବଳ ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ଡବଲ ଇଞ୍ଜିନ ମନ୍ତବ୍ୟକୁ ସେ କଟାକ୍ଷ କରିଥିଲେ। ରାଜ୍ୟରେ ବିକାଶ କ୍ଷେତ୍ରରେ ବଳଦଗାଡ଼ିର ଉଦାହରଣ ରଖି ବିଜେଡି ସରକାର ଶଗଡ଼ ପରି ଗାଁଗହଳିରେ ପଶି ଉନ୍ନତି କରିପାରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଓ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ସେ ଆହ୍ୱାନ ଜଣାଇଥିଲେ। ଏହି ସଭାରେ ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ବାସୁଦେବପୁରରେ ଚାଲିଥିବା ପ୍ରଗତିର ଧାରାକୁ ଆଗାମୀ ଦିନରେ ଜାରି ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବତନ ସରପଞ୍ଚ ଅଗଣୀ ପ୍ରସାଦ ଜେନା ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ ଶରତ ଜେନା, ଭାଗୀରଥି ସାମଲ, ବିପଦ ଭଞ୍ଜନ ନାୟକ, ସୁବୋଧ ମହାପାତ୍ର, ଯୁବ ବିଜେଡି ଜିଲା ଉପସଭାପତି ଦେବଦର୍ଶନ ଦାଶ, ବ୍ଲକ ସଭାପତି ଅସିତ ଦାଶ ପ୍ରମୁଖ କର୍ମୀ ଓ ସମର୍ଥକଙ୍କୁ ଉଦ୍‌ବୋଧନ ଦେଇଥିଲେ।

# ହାଟ, ବଜାରରେ ପ୍ରଚାର କଲେ କଂଗ୍ରେସ ପ୍ରାର୍ଥୀ

**ବାଲେଶ୍ୱର ଅଫିସ,୧୩।୪**

ବାଲେଶ୍ୱର ଲୋକ ସଭା ଆସନର କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ ଏବଂ ସଦର ବିଧାନସଭା ପ୍ରାର୍ଥୀ ମାନସ ଦାସପଟ୍ଟନାୟକ ମିଳିତ ଭାବେ କର୍ମୀମାନଙ୍କ ସହ ବାଲେଶ୍ୱର ସହରରେ ଥିବା ଦୋକାନଗୁଡିକ ବୁଲି ପ୍ରଚାର କରଛନ୍ତି। ପ୍ରାର୍ଥୀମାନେ ଚା' ଦୋକାନୀ, ପଇଡ଼ ଦୋକାନୀ, ଅଟୋରିକ୍ସା ଡ୍ରାଇଭର, ରିକ୍ସାବାଲାଙ୍କ ସହ ମିଶି କଂଗ୍ରେସ ସହ ପରିବର୍ତ୍ତନର ଆହ୍ୱାନକୁ ଗୁରୁତ୍ୱ ଦେଇଛନ୍ତି। ଶ୍ରୀରାମ ନବମୀ ଶୋଭାଯାତ୍ରାରେ ଭାଗ ନେଇ ପ୍ରଭୁ ଶ୍ରୀରାମ ସମସ୍ତଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧିର ଆଶୀର୍ବାଦ ପ୍ରଦାନ କରିବାର କାମନା କରି ପୋଲିସ ଲାଇନ୍ ଛକରୁ ଫାଣ୍ଡି ଛକ ଯାଏ ପଦଯାତ୍ରା କରିଥିଲେ। ଫାଣ୍ଡିଛକସ୍ଥିତ ବାସନ୍ତୀ ପୂଜାମଣ୍ଡପରେ ମା'ଙ୍କୁ ପୂଜାର୍ଚ୍ଚନା କରିସାରିବା ପରେ ଆୟୋଜିତ ସାଧାରଣ ସଭାରେ ଲୋକ ସଭା ପ୍ରାର୍ଥୀ ନବଜ୍ୟୋତି କଂଗ୍ରେସର ଗ୍ୟାରେଣ୍ଟି କାର୍ଡ଼ରେ ଚାଷୀଙ୍କ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ହୋଇପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଫାଣ୍ଡିଛକ, ସିନେମାଛକ, ଗୋଲାପୋଖରୀ ନିକଟରେ ହୋଇଥିବା ପଥପ୍ରାନ୍ତ ସଭାରେ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱର ଅଭାବ ଯୋଗୁ ବାଲେଶ୍ୱରର ବିକାଶ ଧାରା ଅଟକିଯାଇଛି କହିବା ସହ ଶିଳ୍ପାୟନକୁ ପ୍ରାଥମିକତା ଦେଇ ଏହାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।

# ବିଜେଡି ଏମ୍‌ପି ପ୍ରାର୍ଥୀ ଚନ୍ଦ୍ରାଣୀଙ୍କ ହାଟଡ଼ିହୀରେ ପ୍ରଚାର

**ହାଟଡିହୀ,୧୩।୪(ଡି.ଏନ.ଏ.)**

ଲୋକସଭା ପ୍ରାର୍ଥୀ ଚନ୍ଦ୍ରାଣୀ ମୁର୍ମୁ ଶନିବାର ହାଟଡ଼ିହୀ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିଥିଲେ। ତାଙ୍କ ସହ ବିଧାୟକ ପ୍ରାର୍ଥୀ ଭାଗୀରଥି ସେଠୀ ମଧ୍ୟ ସାମିଲ ଥିଲେ। ଚନ୍ଦ୍ରାଣୀ ଓ ଭାଗୀରଥି ଶାଳଣିଆଁ, ଗେଡମା, କଳିଗାଁ, ଓରାଳି, ବଞ୍ଚୋ, ଅକରୁଆ ପ୍ରଭୃତି ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିଥିଲେ। ବିମ୍ବାଧର ବିଶାଳ, କୌଶଲ୍ୟା ସେଠୀ , ନିଧି ମଲ୍ଲିକ, ସାବିତ୍ରୀ ସେଠୀ, ଅଭିମନ୍ୟୁ ସେଠୀ, ଆନନ୍ଦ ମହାନ୍ତି, ଜଗନ୍ନାଥ ନାୟକ, କିଶୋର ଜେନା, ଗଣେଶ ସାଇଁ ପ୍ରମୁଖଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ ।

# ଦଳ ଛାଡ଼ିଲେ ବିଜେଡିର ହେଭିୱେଟ୍ ନେତା, କର୍ମୀ

**ଭଦ୍ରକ ଅଫିସ, ୧୩।୪**

ଭଦ୍ରକ ବିଜେଡିକୁ ଏକ ବଡ଼ ଝଟକା ଲାଗିଛି। ଶୁକ୍ରବାର ବିଜେଡିର ହେଭିୱେଟ୍ ନେତା ୨୮ନମ୍ବର ଜୋନ୍‌ର ଜିଲାପରିଷଦ ସଭ୍ୟ ହେମନ୍ତ ପାଢ଼ୀ ଏବଂ ତାଙ୍କର ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଦଳ ଛାଡ଼ିଛନ୍ତି। ଏଥିସହ ଉକ୍ତ ଜୋନ୍‌ର ବରହମପୁର ସରପଞ୍ଚ ସନା ମହାଳିକ, ସମିତିସଭ୍ୟ ନନ୍ଦକିଶୋର ଜେନା, ଗୁଜିଦରଡ଼ା ପଞ୍ଚାୟତର ବିଶ୍ୱରଞ୍ଜନ ସାହୁ, ବରିଷ୍ଠ ନେତା ଗୟାଧର ମିଶ୍ର, ଗୋଲକ ମହାଳିକ, ନରହରି ସାହୁ, ଜଗବନ୍ଧୁ ମହଲା, ଉପେନ୍ଦ୍ର ପଲାଇ, ପୂର୍ବତନ ସରପଞ୍ଚ ଆନନ୍ଦ ପ୍ରସାଦ ବେହେରା, ରବିନାରାୟଣ ଦାସ, ପ୍ରକାଶ ସିଂହ,




ମିଶ୍ରଣ ପର୍ବରେ ଭାଜପା ନେତାମାନେ।

ପ୍ରଶାନ୍ତ କୁମାର ସାମନ୍ତ, ଅମରେନ୍ଦ୍ର ନାୟକ, ଗୌରହରି ସାହୁ, ଗୋବିନ୍ଦ ମଲ୍ଲିକ, ଲକ୍ଷ୍ମଣ ରାଉତ ଓ ଦେବ ଘଡାଇ ପ୍ରମୁଖ ୧ ହଜାରରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଇଚ୍ଛାପୁରସ୍ଥିତ ମଦନମୋହନ ଡିଏଭି ସ୍କୁଲ ପରିସରରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲା ସାଧାରଣ ସମ୍ପାଦକ ଅମ୍ବିକା ପ୍ରସନ୍ନ ଦାସଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ବିଧାୟକ ତଥା ଧାମନଗର ବିଧାନସଭା ଆସନର ଭାଜପା ପ୍ରାର୍ଥୀ ବିଷ୍ଣୁ ସେଠୀ, ବରିଷ୍ଠ ନେତା ଏମ୍‌ପି ଅର୍ଜୁନ ଚରଣ ସେଠୀ, ଭଦ୍ରକ ବିଧାନସଭା ପ୍ରାର୍ଥୀ ଡା. ପ୍ରଦୀପ ନାୟକ, ଲୋକ ସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ଯୁବନେତା ଦୁର୍ଗାପ୍ରସନ୍ନ ଦାସ, ଭାଜପା ଯୁବ ଜିଲା ସଭାପତି ସୁରେଶ ସାମଲ, ବିକାଶ ଶ୍ରେଷ୍ଠା ପ୍ରମୁଖ ଯୋଗ ଦେଇଥିଲେ। ବିଜେଡିରୁ ଆସିଥିବା ଜିଲାପରିଷଦ ସଭ୍ୟ ହେମନ୍ତ ଏବଂ ଅନ୍ୟ କର୍ମୀମାନଙ୍କୁ ଭାଜପା ଉତ୍ତରୀୟ ଓ ଟୋପି ପିନ୍ଧାଇ ସେମାନେ ସ୍ୱାଗତ କରିଥିଲେ। ଏହି ସଭାରେ ଭଦ୍ରକ ବିଧାୟକ ପ୍ରାର୍ଥୀ ଡା. ପ୍ରଦୀପ ବିଜେଡି ଫାଟୁଥିବା ବେଳେ ପଦ୍ମ ଫୁଟୁଛି, ଏହା ଦଳ ପାଇଁ ଶୁଭସଙ୍କେତ ବୋଲି କହିଥିଲେ।

# ସରୋଜିନୀଙ୍କ ସହ ବୀରଭଦ୍ର, ରାଜକିଶୋରଙ୍କ ସହ ଉତ୍ତମ

**ବାରିପଦା ଅଫିସ,୧୩।୪**

ସାଧାରଣ ନିର୍ବାଚନ ପାଇଁ ମୟୂରଭଞ୍ଜ ଜିଲାରେ ନିର୍ବାଚନ ପ୍ରଚାର ଧୀରେ ଧୀରେ ଜମିବା ଆରମ୍ଭ କରିଛି। ପ୍ରାଥୀମାନେ ଗାଁକୁ ଗାଁ ବୁଲି ଲୋକଙ୍କ ନିକଟରେ ପହଞ୍ଚି ଭୋଟ ଭିକ୍ଷା କରୁଛନ୍ତି। ସେମାନେ ସ୍ଥାନୀୟ ଅଞ୍ଚଳର ପୁରୁଖା ନେତା ଓ ସିନେ ତାରକାଙ୍କୁ ମଧ୍ୟ ସାଥୀରେ ନେଇ ଭୋଟ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ବାରିପଦା ବିଧାନସଭା ଆସନର ବିଜେଡି ବିଧାୟିକା ପ୍ରାର୍ଥୀ ସରୋଜିନୀ ହେମ୍ବ୍ରମ ଶନିବାର ବଡସାହି ବ୍ଲକ ଅଞ୍ଚଳ ବୁଲି ପ୍ରଚାର କରିଥିଲେ। ସେ ପୂର୍ବତନ ରାଜ୍ୟସଭା



ସରୋଜିନୀଙ୍କ ସହିତ ପୂର୍ବତନ ରାଜ୍ୟ ସଭା ସଦସ୍ୟ ବୀରଭଦ୍ର।



ରାଜକିଶୋରଙ୍କ ସହିତ ସିନେତାରକା ଉତ୍ତମ ମହାନ୍ତି।

**ଗାଁ ଗାଁରେ ଚାଲିଛି ପ୍ରଚାର**

ସଦସ୍ୟ ବୀରଭଦ୍ର ସିଂଙ୍କୁ ନେଇ ଲୋକଙ୍କଚ ଭେଟିଥିଲେ। ସରୋଜିନୀ ଅଞ୍ଚଳ ଲାଗି ନୂଆଁ ହୋଇଥିବାରୁ ସାଥୀରେ ପୁରୁଣା କର୍ମୀ ଓ ନେତାଙ୍କୁ ନେଇଯାଉଥିବା ଦେଖାଯାଉଛି।

ସେହିପରି ମୋରଡା ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରାର୍ଥୀ ରାଜକିଶୋର ଦାସ ଶନିବାର ସିନେତାରକା ତଥା ବିଜେଡି ନେତା ଉତ୍ତମ ମହାନ୍ତିଙ୍କୁ ନେଇ ପ୍ରଚାର ଆରମ୍ଭ କରଛନ୍ତି। ଉତ୍ତମଙ୍କୁ ଦେଖିବା ପାଇଁ ବହୁ ଲୋକ ଭିଡ ଜମାଇଥିଲେ।

# ନିର୍ବାଚନ ପୁସ୍ତିକା ଓ ପ୍ରଚାରପତ୍ର ଛପା ଉପରେ କଟକଣା

**ବାରିପଦା ଅଫିସ,୧୩।୪**

ଭାରତର ମୁଖ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶନାମା ଅନୁସାରେ ନିର୍ବାଚନ ଆଚରଣ ବିଧି କଡାକଡି ଭାବେ ପାଳନ ଲାଗି ମୟୂରଭଞ୍ଜ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ବିନୀତ ଭରଦ୍ୱାଜ ନିର୍ବାଚନ ସଂକ୍ରାନ୍ତ ପୁସ୍ତିକା ଓ ପ୍ରଚାରପତ୍ର ଆଦି ଛପାଇବା କ୍ଷେତ୍ରରେ କେତେକ କଟକଣା ଜାରି କରିଛନ୍ତି। ଲୋକ ପ୍ରତିନିଧି ଆଇନର ଧାରା ୧୨୭(କ) ଅନୁଯାୟୀ କୌଣସି ବ୍ୟକ୍ତି ନିର୍ବାଚନ ସଂକ୍ରାନ୍ତ କ୍ଷୁଦ୍ର ପୁସ୍ତିକା, ପ୍ରଚାରପତ୍ର ପ୍ରକାଶନ କରୁଥିଲେ, ସେଥିରେ ପ୍ରକାଶକ ଓ ମୁଦ୍ରାକରଙ୍କ ନାମ ଓ ଠିକଣା ଉଲ୍ଲେଖ ରଖିବେ। ଏହା ସହିତ ସମ୍ପୃକ୍ତ ପ୍ରକାଶକ ନିର୍ଦ୍ଧାରିତ ଘୋଷଣାନାମା ଫର୍ମରେ ନିଜର ନାମ, ଠିକଣା, କେଉଁଥିପାଇଁ, କି ପ୍ରକାରର ଓ କେତୋଟି ପୁସ୍ତିକା ବା ପ୍ରଚାରପତ୍ର ପ୍ରକାଶ କରୁଛନ୍ତି ,କେଉଁଠି ଛପା ହେଉଛି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ। ୨ଜଣ ବ୍ୟକ୍ତି ଯିଏ କି ପ୍ରକାଶକଙ୍କୁ ଜାଣିଥିବେ ସେମାନେ ସେଥିରେ ସ୍ୱାକ୍ଷର କରି ସତ୍ୟତାକୁ ଅନୁମୋଦନ କରିବେ। ଘୋଷଣାନାମାରେ ମୁଦ୍ରାକରଙ୍କ ସ୍ୱାକ୍ଷର ରହିବ। ଧାରା ୧୨୭(କ) ଅନୁସାରେ ଛପା ସରିବାର ୩ ଦିନ ମଧ୍ୟରେ ପୁସ୍ତିକା ବା ପ୍ରଚାର ପତ୍ରର ୪ଟି ନକଲ ଏବଂ ପ୍ରକାଶକଙ୍କର ଘୋଷଣାନାମାର ଏକ ନକଲ ନିର୍ଦ୍ଦିଷ୍ଟ ଅଧିକାରୀଙ୍କ ନିକଟରେ ଦାଖଲ କରାଯିବ। ଏହା ଭୁବନେଶ୍ୱରରୁ ଛପାଯାଇଥିଲେ ମୁଖ୍ୟ ନିର୍ବାଚନ ଅଧିକାରୀ କିମ୍ବା କୌଣସି ଜିଲାରୁ ଛପା ଯାଇଥିଲେ ଜିଲାପାଳଙ୍କ ନିକଟକୁ ନକଲ ପଠାଯିବ। କେତେ ସଂଖ୍ୟାରେ ଛପାଗଲା ଓ ମୂଲ୍ୟକେତେ ସେ ସମ୍ପର୍କରେ ନିର୍ବାଚନ କମିଶନଙ୍କ ଉଦ୍ଦିଷ୍ଟ ପ୍ରୋଫର୍ମା ପରିଶିଷ୍ଟ (ଖ)ରେ ଅବଗତ କରାଯିବ। ପ୍ରକାଶିତ ପୁସ୍ତିକା ବା ପ୍ରଚାରପତ୍ର ଆଦିର ସଂଖ୍ୟା ବୃଦ୍ଧିକରି ପରବର୍ତ୍ତୀ ସମୟରେ ଛପାଇଲେ ଅନୁରୂପ ଭାବେ ଘୋଷଣାନାମା ଦାଖଲ କରିବାକୁ ପଡିବ। ନିର୍ବାଚନରେ ଅଂଶ ଗ୍ରହଣ କରୁଥିବା ସଂପୃକ୍ତ ପ୍ରାର୍ଥୀ ବା ପାର୍ଥିନୀଙ୍କ ନାମରେ ପୁସ୍ତିକା ବା ପ୍ରଚାରପତ୍ର ଆଦି ପ୍ରକାଶ କରୁଥିବା ପ୍ରକାଶକ ଓ ମୁଦ୍ରକାର ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ଜଲା ଗୁରୁତ୍ୱାରୋପ କରାଯାଇଛି। ଉକ୍ତ ଆଇନର ଉଲଘଂନ ବା ଖିଲାପ କରାଗଲେ ସଂପୃକ୍ତ ମୁଦ୍ରକାର, ପ୍ରାର୍ଥୀ ଓ ରାଜନୈତିକ ଦଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଲା ନିର୍ବାଚନ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ଉଦଳା,୧୩।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ବ୍ଳକ ରାଢ଼ୋ ପଞ୍ଚାୟତ ଅଧୀନ ଉତ୍କଳ ଶିକ୍ଷା ପରିଷଦ ଆନୁକୂଲ୍ୟରେ ପରିଚାଳିତ ଡିହିରାକୁଳ ଶ୍ରୀଜଗନ୍ନାଥ ଶିଶୁ ମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ନିକଟସ୍ଥ ଦୋଳ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ମମତା ରାଣୀ ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେଶ ଚନ୍ଦ୍ର ଦାସ, ସମ୍ମାନନୀୟ ଅତିଥି ଭାବେ ଏବିଇଓ ଜଗବନ୍ଧୁ ନାୟକ, ଅନୁଷ୍ଠାନର ପୂର୍ବତନ ପ୍ରଧାନ ଆଚାର୍ଯ୍ୟ ଭିକାରୀ ଚରଣ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ । ଯୁବ ସଙ୍ଗଠକ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

### ଅବକାରୀ ଧରପଗଡ଼ ଜାରି

ରାଇରଙ୍ଗପୁର,୧୩।୪(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳରେ ପୋଲିସ ଓ ଫ୍ଲାଇଙ୍ଗ ସ୍କ୍ୱାଡ ପକ୍ଷରୁ ବିଭିନ୍ନ ସ୍ଥାନରେ ଧରପଗଡ ଜାରି ରହିଛି । ସହରାଞ୍ଚଳ ଥାନା ପୋଲିସ ବୁଧବାର ଓ ଗୁରୁବାର ଚଢ଼ାଉ କରି ଗ୍ରାମାଞ୍ଚଳ ଥାନା ଅଧୀନ ଚଣ୍ଡିଦା ଗ୍ରାମର ବାଞ୍ଛାନିଧି ପାତ୍ର ଏବଂ ଗୋରୁମହିଷାଣୀ ଥାନା ହାତିଆ ଗ୍ରାମର ଜଗନ୍ନାଥ ପାତ୍ରଙ୍କୁ ଗିରଫ କରିଛି । ସେହିପରି ଫ୍ଲାଇଙ୍ଗ ସ୍କ୍ୱାଡ ଜଣେ ଚୋରାମଦ ବେପାରୀଙ୍କୁ ଧରି ରାଇରଙ୍ଗପୁର ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି ।

### ଅଟୋ-ବାଇକ୍ ଧକ୍କା: ୫ ଛାତ୍ରୀଛାତ୍ର ଗୁରୁତର

ବାରିପଦା ଅଫିସ,୧୩।୪- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ ସାନମୌଦା ସ୍ଥିତ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆସୁଥିବା ଏକ ଅଟୋ ଶୁକ୍ରବାର ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ସାମ୍ନା ପଟୁ ଆସୁଥିବା ଏକ ମୋଟରସାଇକଲ ସହିତ ଧକ୍କା ହେବାରୁ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଏହି ଅଟୋରେ ୮ ଛାତ୍ରୀଛାତ୍ର ଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତର ଆହତ ହୋଇଥିଲେ । ଏହା ସହିତ ମୋଟରସାଇକଲ ଆରୋହୀ ଶ୍ୟାମସୁନ୍ଦର ମୁର୍ମୁ ଓ ତାଙ୍କ ନାତୁଣି ସ୍ୱାତୀ ଟୁଡୁ ଆହତ ହୋଇଥିଲେ । ଆହତ ଛାତ୍ରୀଛାତ୍ରଙ୍କୁ ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସା କରାଯିବା ପର ସେମାନେ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି । ଶ୍ୟାମସୁନ୍ଦର ଓ ସ୍ୱାତୀ ବାରିପଦା ପିଆରଏମ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ପୋଲିସ ବାଇକ ଓ ଅଟୋକୁ ଜବତ କରି ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

# ପ୍ରଶାସନ ବିନା ଆରମ୍ଭ ହେଲା ଚୈତ୍ର ପର୍ବ

ବାରିପଦା ଅଫିସ,୧୩।୪



ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଆଳରେ ପ୍ରଶାସନ ସହଯୋଗ ନ କରିବାରୁ ଏଥର ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଚୈତ୍ର ପର୍ବ ପାଳନ ନେଇ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିଲା । ଏହି ପରିପ୍ରେକ୍ଷୀରେ କଳା ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଲାଗି କଳା ଅନୁଷ୍ଠାନ ଓ କଳାକାରଙ୍କ ସହାୟତାରେ ଶୁକ୍ରବାର ବାରିପଦା ଛଉ ପଡିଆ ସ୍ଥିତ ମଞ୍ଚରେ ଏହି ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଦକ୍ଷିଣ ସାହିର କାଡିକେଶ୍ୱର ରଣା ଓ ଉତ୍ତର ସାହିତ ଦିଲିପ କୁମାର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଚୈତ୍ର ପର୍ବକୁ ଉଦ୍‌ଘାଟନ କରିଥିଲେ । ସୁଧୀର ନାୟକ ମଞ୍ଚ ପରିଚାଳନା କରିଥିଲେ ।

ଶୁକ୍ରବାର ସନ୍ଧ୍ୟାରେ ବାରିପଦା ଅମ୍ବିକା ମନ୍ଦିରଠାରୁ ଶୋଭାଯାତ୍ରାରେ ଆଜ୍ଞାମାଳ ଅଣାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଗଣପର୍ବ ଭାବେ ପରିଚିତ ଚୈତ୍ର ପର୍ବର ମହତ୍ୱ ଓ କଳା ସଂସ୍କୃତି ପ୍ରତି ଏହାର ଅବଦାନ ଉପରେ ବକ୍ତାମାନେ ସମ୍ୟକ ଆଲୋକପାତ କରିଥିଲେ । ପରେ ଉଭୟ ଉତ୍ତର ଓ ଦକ୍ଷିଣ ସାହିର କଳାକାରମାନେ ପାରମ୍ପାରିକ ନୃତ୍ୟ ପରିବେଷଣ କରିଥିଲେ ।

ପ୍ରତି ବର୍ଷ ଏପ୍ରିଲ ୧୧, ୧୨ ଓ ୧୩ ତାରିଖରେ ଏହି ପର୍ବ ପାଳିତ ହୋଇଥାଏ । ଏଥର ପ୍ରଥମ କରି ଏହି ପର୍ବ ଜିଲା ପ୍ରଶାସନ ସହଯୋଗ ବିନା ସାଧାରଣ ଲୋକ ତଥା ଛଉ ପ୍ରେମୀଙ୍କ ସହଯୋଗ ତଥା ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଓ ଓ ଦକ୍ଷିଣ ସାହି ଛଉ ମନ୍ଦିର ପକ୍ଷରୁ ନିଜସ୍ୱ ଉଦ୍ୟମରେ ଏହି ପର୍ବ ପାଳନ କରାଯଉଛି । ୩ ଦିନ ପରିବର୍ତ୍ତେ କେବଳ ୧୨ ଓ ୧୩ ତାରିଖରେ ଉକ୍ତ ପର୍ବ ପାଳନ କରାଯିବାକୁ ସ୍ଥିର ହୋଇଥିବା ଛଉ ନୃତ୍ୟ ଶିଳ୍ପୀ ଲଡୁକେଶ୍ୱର ରଣା କହିଛନ୍ତି । ଉଲେଖନୀୟ ଯେ, ପ୍ରଶାସନ ପକ୍ଷରୁ ଏହି ପର୍ବ ପାଳନ କରାଗଲେ ଏହା ନିର୍ବାଚନ ଆଚରଣ ବିଧି ଉଲଘଂନ କରିବ ବୋଲି ଦର୍ଶାଇ ଡେପୁଟି ଚିଫ ଇଲେକ୍ଟୋରାଲ ଅଫିସର ନିତି ରଞ୍ଜନ ସେନ ମୟୂରଭଞ୍ଜ ଜିଲାପାଳ ବିନିତ ଭରଦ୍ୱାଜଙ୍କୁ ଜଣାଇଥିଲେ । ଏହା ପରେ ଜିଲା ପ୍ରଶାସନ ଏହି ପର୍ବ ପାଳନ ହେବ ନାହିଁ କହି କୌଣସି ସହଯୋଗ କରି ନ ଥିଲା ।

## ୨୪ରୁ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗଶିକ୍ଷା କେନ୍ଦ୍ରରେ ରୌପ୍ୟ ଜୟନ୍ତୀ

ବେତନଟୀ,୧୩।୪ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଆସନ୍ତା ୨୪ ତାରିଖରୁ ୪ ଦିନ ବ୍ୟାପୀ ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହେବ । ୧୯୭୯ ମସିହାରେ ବେତନଟୀ ଅଞ୍ଚଳରେ ସ୍ଥାପିତ ଏହି ବିଦ୍ୟାଳୟ ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନର ମାନ୍ୟତା ପାଇ ପାରିଛି । ବହୁ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ସ୍ଥାପିତ ଏହି ବିଦ୍ୟାଳୟର ପୁରାତନ ଛାତ୍ର ସଂଗଠନ ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମିଳିତ ସହଯୋଗରେ ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ ଲାଗି ସମସ୍ତ ଆୟୋଜନ କରାଯାଉଥିବା ସୂଚନା ମିଳିଛି ।

ଆସନ୍ତା ୨୪ ତାରିଖରେ ମୁଖ୍ୟ କାର୍ଯ୍ୟକ୍ରମ ମଧ୍ୟରେ ବେତନଟୀ ବ୍ଲକ ଅଞ୍ଚଳରେ ଶ୍ରୀ ଅରବିନ୍ଦ ଜ୍ୟୋତି ପରିକ୍ରମା, ୨୫ ତାରିଖରେ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଓ ପଦର୍ଶନୀ ଗୃହ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ପ୍ରତିକା ଉନ୍ମୋଚନ କରାଯିବ । ୪ ଦିନିଆ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲା ଓ ରାଜ୍ୟସ୍ତରରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦାନ କରିବେ ବୋଲି ବୋଲି ପୁରାତନ ଛାତ୍ର ସଂଗଠନର କର୍ମକର୍ତ୍ତା ସୂଚନା ପ୍ରଦାନ କରିଛନ୍ତି । ଉଲେଖନୀୟ ଯେ, ଏହି ବିଦ୍ୟାଳୟ ୨୦୧୯କୁ ୪୦ ବର୍ଷରେ ପଦାର୍ପଣ କରିଛି । ବର୍ତ୍ତମାନ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଶିକ୍ଷାଲାଭ କରୁଛନ୍ତି । ୧୪ ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ରହିଛନ୍ତି । ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଏହି ବିଦ୍ୟାଳୟରୁ ଅଧ୍ୟୟନ କରି ସାରି ଜିଲା ଓ ଜିଲା ବାହାରେ ସମ୍ମାନ ଜନକ ପଦପଦବୀରେ ଅବସ୍ଥାପିତ ହୋଇ ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଛନ୍ତି । ବର୍ତ୍ତମାନ ପୁରାତନ ଛାତ୍ର ସଂଗଠନର ପ୍ରବୀର ବାରିକ ସଭାପତି, ଅନୁପ କୁମାର ଦଣ୍ଡପାଟ ସମ୍ପାଦକ ଏବଂ କ୍ଷୀରୋଦ କୁମାର ରାଉତ୍, ସୁଶାନ୍ତ କୁମାର ବଳା, ଶାନ୍ତନୁ ପଣ୍ଡା, କିରଣ କୁମାର ନାଥ, ସାଜନ୍ ମିଶ୍ର ପ୍ରମୁଖ କର୍ମକର୍ତ୍ତା ରହିଛନ୍ତି ।

## 'ନାରୀ ସମସ୍ୟାକୁ ଉଦାରତାର ସହ ନିଆଯାଉ'

ବାରିପଦା ଅଫିସ,୧୩।୪–ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଓଡ଼ିଆ ବିଭାଗ ପକ୍ଷରୁ 'ନାରୀ –ସ୍ୱପ୍ନ ଓ ବାସ୍ତବତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଜ୍ୟୋତ୍ସ୍ନାରାଣୀ ମହାପାତ୍ର ଯୋଗଦେଇ କହିଥିଲେ, ନାରୀ ଦୁର୍ବଳା ନୁହେଁ ବରଂ ସମାଜକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବାରେ ନାରୀର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ । ମୁଖ୍ୟବକ୍ତା ଭାବେ ଆଇନଜୀବୀ କାବେରୀ ମିଶ୍ର ଯୋଗଦେଇ କେବଳ କଠୋର ଆଇନ ବ୍ୟବସ୍ଥା ନୁହେଁ, ନାରୀଙ୍କ ସମସ୍ୟାକୁ ଉଦାରତାର ସହ ସବୁ ସ୍ତରରେ ଗ୍ରହଣ କରାଯିବା ଉଚିତ । ଏହା ଦ୍ୱାରା ସାମାଜିକ ସ୍ଥିତିରେ ସୁଧାର ଆସିପାରିବ । ବାରିପଦାସ୍ଥିତ ଗୋପବନ୍ଧୁ ବିଇଡି ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ବିଜୟ କୁମାର ମହାନ୍ତି ସମ୍ମାନ୍‌ନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ଓଡ଼ିଆ ବିଭାଗ ମୁଖ୍ୟ ରାମଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିଲେ । କଲେଜର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ଦିବ୍ୟଜ୍ୟୋତି ଗିରି, ସୁନୀତ ମୁର୍ମୁ, ଇସିକା ଦାଶ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ।

## ମହାରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରିପଦା ଅଫିସ,୧୩।୪


ବାର୍ଷିକୋତ୍ସବରେ ଅତିଥି ବୃନ୍ଦ ଓ ଛାତ୍ରୀଛାତ୍ର ।

ମୟୂରଭଞ୍ଜ ଜିଲା ବାରିପଦା ତକତପୁର ସ୍ଥିତ ମହାରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ୨ୟ ବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କମଳଲୋଚନ ମହାକୁଡ଼ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ ପ୍ରଶାନ୍ତ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ନିର୍ଦ୍ଦେଶକ ପିଡି ବିବେକାନନ୍ଦ ସାହୁ ଏଥିରେ ମୁଖ୍ୟବକ୍ତା ଏବଂ ବିଆରସିସି ପ୍ରଭାତୀ ପଟ୍ଟନାୟକ,ଜଲା ସର୍ବଶିକ୍ଷା ଅଭିଯାନର ଗଣମାଧ୍ୟମ ସଂଯୋଜକ ନିରଞ୍ଜନ ନାୟକ, ସାଧନାର ନିର୍ଦ୍ଦେଶକ ରିତ କୁମାର ମହାପାତ୍ର, ଆଞ୍ଚଳିକ ସଂଯୋଜକ ପ୍ରଦୀପ କୁମାର ନାଥ, ଅସୀମ ଚକ୍ରବର୍ତ୍ତୀ, ମମତା ଦାସ, ସିଦ୍ଧେଶ୍ୱର ମିଶ୍ର, ଦିଲୀପ କୁମାର ଦାସ, ନିଲୁ ପାଣି,ସଞ୍ଜୀବ କୁମାର ଜେନା, ଟିପୁ ମାର୍ଣ୍ଡୀ, କାନ୍ଦନ ମାର୍ଣ୍ଡୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରୁସ୍କୃତ କରାଯାଇଥିଲା । ବିଦ୍ୟାଳୟର ସଭାପତି ଏବଂ ପରିଚାଳନା ପରିଷଦର ସଦସ୍ୟମାନେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ସେନାପତି, ଶଙ୍ଖାଭଙ୍ଗା ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପୂର୍ଣ୍ଣିମା ପଣ୍ଡା ପ୍ରମୁଖ ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ୮ ଡାକ୍ତର ପଦବୀ ଖାଲି, ମିଳୁନି ସ୍ୱାସ୍ଥ୍ୟସେବା

କୁଆମରା,୧୩।୪(ଡି.ଏନ.ଏ.)– ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାର ଅବହେଳିତ ଗୋପବନ୍ଧୁନଗର ବ୍ଲକ ଅଧୀନ ୧୩ ପଞ୍ଚାୟତରେ ୬ଟି ଡାକ୍ତରଖାନା ପ୍ରତିଷ୍ଠା ହୋଇଥିଲେ ବି ଡାକ୍ତର ନ ଥିବାରୁ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ୧୬ ଶଯ୍ୟା ବିଶିଷ୍ଟ ଖୁଣ୍ଟା ଡାକ୍ତରଖାନା ବ୍ଲକର ମୁଖ୍ୟ ଚିକିତ୍ସାଳୟ । ଏହା ଅଧୀନରେ କୁଆମରା, ମାଙ୍କଡକେନ୍ଦା, ସାଇଁକୁଳା, କୁଶଳଦା ଓ ରାଣୀବନ୍ଧଠାରେ ଅନ୍ୟ ୫ ଡାକ୍ତରଖାନା ରହିଛି । ଏଥିମଧ୍ୟରୁ କୁଆମରା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଞ୍ଚଳିକ ଡାକ୍ତରଖାନା ମାନ୍ୟତା ମିଳିଛି । ୮ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା ରାଜରାଜୁଡା ଅମଳରୁ ପ୍ରତିଷ୍ଠିତ ହୋଇଥିଲେ ବି ଏହାର ବିକାଶ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଏହି ୬ଟି ଡାକ୍ତରଖାନାରେ ୧୨ ଜଣଙ୍କ ସ୍ଥାନରେ ଏବେ ୪ଜଣ କାର୍ଯ୍ୟ କରୁଛନ୍ତି । ଖୁଣ୍ଟା ମୁଖ୍ୟ ଚିକିତ୍ସାଳୟରେ ୬ ଡାକ୍ତରଙ୍କ ମଧ୍ୟରୁ ୩ଜଣ ଥିବା ବେଳେ କୁଆମରା ଡାକ୍ତରଖାନାରେ ୨ ଜଣଙ୍କ ମଧ୍ୟରୁ ଜଣେ ରହିଛନ୍ତି । କୁଶଳଦା, ସାଇଁକୁଳା, ମାଙ୍କଡକେନ୍ଦା ଓ ରାଣୀବନ୍ଧ ଡାକ୍ତରଖାନାରେ ବର୍ଷ ବର୍ଷ ଧରି ଡାକ୍ତର ପଦବୀ ଖାଲି ପଡିଛି । ଏସବୁ ଡାକ୍ତରଖାନା ଫାର୍ମାସିଷ୍ଟଙ୍କ ହାତରେ ଚାଲିଛି । ଖୁଣ୍ଟା ଡାକ୍ତରଖାନାରେ ଥିବା ୩ ଡାକ୍ତରଙ୍କ ମଧ୍ୟରୁ ଆସନ୍ତା ମାସରେ ୨ ଜଣ ଡାକ୍ତର ଉଚ୍ଚଶିକ୍ଷା ପାଇଁ ଯାଉଥିବା ଜଣାପଡିଛି । କୁଆମରା ଡାକ୍ତରଖାନାରୁ ଦୀର୍ଘ ୧୦ ବର୍ଷ ଧରି ଜଣେ ଫାର୍ମାସିଷ୍ଟଙ୍କୁ ବାରିପଦା ଡାକ୍ତରଖାନାକୁ ଡେପୁଟେଶନରେ ପଠାଯାଇଥିବାରୁ ସେହି ପଦବୀ ଖାଲି ପଡିଛି ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

### ବାଙ୍ଗିରିପୋଷିରେ ସମାରୋହ

ବାଙ୍ଗିରିପୋଷ,୧୩।୪(ଡି.ଏନ.ଏ.)


ଶ୍ରୀରାମ ନବମୀ ଶୋଭାଯାତ୍ରାରେ ସାମିଲ ଶ୍ରଦ୍ଧାଳୁମାନେ ।

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ପୂଜା ମହାସମାରୋହରେ ପାଳିତ ହୋଇ ଯାଇଛି । ବାଙ୍ଗିରିପୋଷି ବଜାର ଦୁର୍ଗାମଣ୍ଡପରେ ଅନୁଷ୍ଠିତ ପ୍ରଭୁ ଶ୍ରୀରାମଙ୍କର ନବମୀ ପୂଜା ଉପଲକ୍ଷେ ପୂର୍ବ ପ୍ରସ୍ତୁତି ଅନୁସାରେ ଶନିବାର ସକାଳେ ସ୍ଥାନୀୟ ଝରମାତା ପୋଖରୀରୁ ସଙ୍କୀର୍ତ୍ତନ ଦଳ ଓ ଢୋଲ ବାଜା, ମହୁରୀ ସହ ଘଟ ଉତ୍ତୋଳନ କରି ଶୋଭାଯାତ୍ରାରେ ଅଣାଯାଇଥିଲା । ଶୋଭାଯାତ୍ରା ଆସିବା ବେଳେ ରାସ୍ତା ଘାଟ ବାଦ୍ୟ ଓ ନୃତ୍ୟରେ କମ୍ପି ଉଠିଥିଲା । ପରେ ମଣ୍ଡପରେ ଯଥାବିଧି ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା ପାଠ କରାଯାଇଥିଲା । ଘୃତଯଜ୍ଞ ଶେଷ ହେବା ପରେ କମିଟି ସଭ୍ୟ ଶତାଧିକ ଭକ୍ତଙ୍କ ଗହଣରେ ଘଣ୍ଟା,ବାଜା,ସଙ୍କୀର୍ତ୍ତନ ତାଳେ ତାଳେ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ସହ ହନୁମାନ ଧ୍ୱଜା ଧରି ବଜାର ପରିକ୍ରମା କରିଥିଲେ । ଶ୍ରୀ ରାମଙ୍କ ଜୟ ଧ୍ୱନିରେ ସହର କମ୍ପି ଉଠିଥିଲା । ଏଥିସହ ବାଡି ଖେଳରେ ଆକର୍ଷଣ ସାଜିଥିଲା । ଅନ୍ୟମାନଙ୍କ ମଧ୍ୟରେ ଭାଜପା ବିଧାୟକପ୍ରାର୍ଥୀ ସୁଗଦା ମୁର୍ମୁ ଉପସ୍ଥିତ ଥିଲେ । ସନ୍ଧ୍ୟା ସମୟରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବାଙ୍ଗିରିପୋଷି ପୋଲିସ ତରଫରୁ ଶାନ୍ତି ଶୃଙ୍ଖଳ ରକ୍ଷା କରାଯାଇଥିଲା । ବାଙ୍ଗିରିପୋଷି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶ୍ରୀରାମ ନବମୀ ମଧ ପାଳିତ ହୋଇଥିଲା ।

### ରାସଗୋବିନ୍ଦପୁରରେ ବାଇକ୍ ରାଲି

ରାସଗୋବିନ୍ଦପୁର,୧୩।୪ (ଡି.ଏନ.ଏ))– ପବିତ୍ର ରାମନବମୀ ଉପଲକ୍ଷେ ରାସଗୋବିନ୍ଦପୁର ଯୁବକସଂଘ ପକ୍ଷରୁ ଏକ ବାଇକ ରାଲି ଅନୁଷ୍ଠିତ ହୋଇଥିଲା । ଯୁବକସଂଘର ସଦସ୍ୟ ରଘୁନାଥ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ରାଲିରେ ଶତାଧିକ ଯୁବକ ଅଂଶଗ୍ରହଣ କରିଥିଲେ । ସ୍ଥାନୀୟ ବାଜପାୟୀ ଛକ ସ୍ଥିତ ହନୁମାନ ମନ୍ଦିରରୁ ରାଲି ବାହାରି ରାସଗୋବିନ୍ଦପୁର ବଜାର, ମୂଷାମାରୀ ଛକ ସମେତ ବିଭିନ୍ନ ଗ୍ରାମ ପରିକ୍ରମା କରି ହନୁମାନ ମନ୍ଦିର ନିକଟରେ ପହଞ୍ଚିଥିଲା । ଯୁବକ ସଂଘର ଉପଦେଷ୍ଟା ଅଶୋକ କୁମାର ମହାନ୍ତି ରାଲିର ଶୁଭାରମ୍ଭ କରିଥିଲେ ।

### ରାମନବମୀରେ ଶ୍ରଦ୍ଧାଳୁଙ୍କ ଭିଡ଼

ରାଇରଙ୍ଗପୁର,୧୩।୪(ଡି.ଏନ.ଏ.)– ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ରାମନବମୀ ମହୋତ୍ସବ ଶାନ୍ତିଶୃଙ୍ଖଳାର ସହ ପାଳିତ ହୋଇଛି । ସ୍ଥାନୀୟ ସହରାଞ୍ଚଳ ସମେତ ବଡବଜାର, ରଚିଣ୍ଡା, କୁଚେଇବୁଢୀ, ପୁରୁଣାଘାଟି ଓ ଅଁଳାଡୁବା ଆଦି ସ୍ଥାନ ରାମ ନବମୀ ଲାଗି ଉତ୍ସବମୁଖର ହୋଇ ଉଠିଛି । ଏସବୁ ସ୍ଥାନରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ବିଭିନ୍ନ ସ୍ଥାନରେ ଆଖଡା ଖେଳ ପ୍ରଦର୍ଶନ ଆକର୍ଷଣ ସାଜିଥିଲା । ସମ୍ପୃକ୍ତ ଅଞ୍ଚଳରେ ଥିବା ହନୁମାନଙ୍କ ମନ୍ଦିରରେ ହୋମଯଜ୍ଞ ସାଙ୍ଗକୁ ପୂଜାର୍ଚ୍ଚନା କରାଯାଇଥିଲା । ସ୍ଥାନୀୟ ସବ୍‌ଜେଲ ପରିସରରେ ମଧ ରାମ ନବମୀ ପୂଜା ପାଳିତ ହୋଇଥିଲା । ରାମ ହନୁମାନ ମନ୍ଦିର କମିଟି ଓ ସବ୍‌ଜେଲ୍ କର୍ତ୍ତୃପକ୍ଷ ମିଳିତ ଭାବେ ଉତ୍ସବ ପରିଚାଳନା କରିଥିଲେ ।

### ଗୋପବନ୍ଧୁ ଶିକ୍ଷା ଶିଶୁ ମନ୍ଦିର ଉଦ୍‌ଘାଟିତ

କପ୍ତିପଦା,୧୩।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ଲାବଣ୍ୟଦେଇପୁର ପଞ୍ଚାୟତର କଟୁରିଆଠାରେ ଗୋପବନ୍ଧୁ ଶିକ୍ଷା ବିସ୍ତାର ସମିତି, ଓଡ଼ିଶା ତରଫରୁ ଗୋପବନ୍ଧୁ ଶିକ୍ଷା ଶିଶୁ ମନ୍ଦିର ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ଆଦିତ୍ୟ ପ୍ରସାଦ ଧଳ, ମୁଖ୍ୟବକ୍ତା ଭାବେ ସଂଗଠନ ସମ୍ପାଦକ ମଧୁସୂଦନ ପାତ୍ର, ସମ୍ମାନନୀୟ ଅତିଥିଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଭଗବାନ ପଣ୍ଡା, କବି ଅଶ୍ୱିନୀ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠାନରେ ନୂତନ ଭାବେ ଯୋଗ ଦେଇଥିବା ୬୦ଜଣ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବକ୍ତବ୍ୟ ରଖିଥିଲେ ।

### ବାସନ୍ତୀ ଦୁର୍ଗାପୂଜା

ରାଇରଙ୍ଗପୁର,୧୩।୪(ଡି.ଏନ.ଏ.)– ରାଇରଙ୍ଗପୁର ହସ୍‌ପିଟାଲ ଛକ ନିକଟ ବାସନ୍ତୀ ମଣ୍ଡପଠାରେ ବାସନ୍ତୀ ଦୁର୍ଗାପୂଜା ଆୟୋଜନ ଯୋଗୁ ପରିବେଶ ଉତ୍ସବମୁଖର ହୋଇପଡିଛି । ପ୍ରତ୍ୟହ ବହୁ ଭକ୍ତ ପୂଜା ମଣ୍ଡପରେ ତୋରଣ, ମେଢ ସାଜସଜ୍ଜା ଏବଂ ମା'ବାସନ୍ତୀଙ୍କ ମୃଣ୍ମୟ ପ୍ରତିମା ଦର୍ଶନ କରି ପୂଜାର୍ଚ୍ଚନା କରୁଛନ୍ତି ।

## ବଜରଙ୍ଗ ସେନାର ଶୋଭାଯାତ୍ରା

ବାରିପଦା ଅଫିସ,୧୩।୪

ଶ୍ରୀରାମ ନବମୀ ପାଳନ ଅବସରରେ ଶନିବାର ବଜରଙ୍ଗ ସେନା ପକ୍ଷରୁ ବାରିପଦାରେ ଏକ ବିଶାଳ ମୋଟରସାଇକଲ ରାଲି କରାଯାଇଥିଲା । ଜିଲା ଭାଜପା ଯୁବ ସଭାପତି କୁମାର ମଙ୍ଗଳମଙ୍କ ନେତୃତ୍ୱରେ ଏହି ରାଲି ପାଲବଣୀ ଗୋଲେଇ ନିକଟରୁ ବାହାରି କୃଷ୍ଣଚନ୍ଦ୍ର ଗୋଲେଇ, ବିଜୁ ପଟ୍ଟନାୟକ ଗୋଲେଇ ଦେଇ ମୁର୍ଗାବାଡି ଗୋଲେଇ ପର୍ଯ୍ୟନ୍ତ ଯାଇଥିଲା । ବଜରଙ୍ଗ ସେନାର ସନ୍ତୋଷ ସିଆଳ, ନୟନ ଦାସ, ବିଟୁ ଚାନ୍ଦ, ଅଭିମନ୍ୟୁ ପରିଡ଼ା, ପୁପୁନ ଦାସ, ପପୁ ଚାନ୍ଦ ପ୍ରମୁଖ ରାଲିରେ ସାମିଲ ହୋଇ କାର୍ଯ୍ୟକ୍ରମ ତଦାରଖ କରିଥିଲେ ।


ବାରିପଦାରେ ବଜରଙ୍ଗ ସେନାର କର୍ମକର୍ତ୍ତାମାନେ ରାଲିରେ ଯାଉଛନ୍ତି ।

## ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା

ବେତନଟୀ,୧୩।୪ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବେତନଟୀ ଆନନ୍ଦବଜାରର ହନୁମାନ ମନ୍ଦିରରେ ଶନିବାରଠାରୁ ୪ ଦିନ ବ୍ୟାପୀ ହନୁମାନ ଜୟନ୍ତୀ ସମାରୋହ ଆରମ୍ଭ ହୋଇଛି । ମନ୍ଦିର ପ୍ରାଙ୍ଗଣରେ ପ୍ରତିଷ୍ଠିତ ଅଷ୍ଟଭୁଜା ଦୁର୍ଗାଙ୍କଠାରେ ପୂଜା ହୋମ, ଚଣ୍ଡିପାଠ, ହନୁମାନ ଜୀଉଙ୍କ ଠାରେ ରାମାୟଣ ପାଠ, ରାମ ଦରବାରରେ ରାମ ନବମୀ ପୂଜା କରାଯାଇଥିଲା । ରବିବାର ହନୁମାନ ଜୟନ୍ତୀ ପାଳନ କରାଯିବ । ସୋମବାର ନାମ ଯଜ୍ଞ, ମଙ୍ଗଳବାର ହନୁମାନ ବିଗ୍ରହଙ୍କର ନଗର ପରିକ୍ରମା କରାଯିବ ବୋଲି ଆୟୋଜକ ମଣ୍ଡଳୀର ଆଶିଷ କୁମାର ବାନାର୍ଜୀ ସୂଚନା ପ୍ରଦାନ କରିଛନ୍ତି ।



